ମୟୂରଭଞ୍ଜ ଇତିହାସ

ଶ୍ୟାମସୁନ୍ଦର ଷଡଙ୍ଗୀ

Digitized by PPRACHIN, SOA

A SHORT HISTORY OF MAYURBHANJ

Shyam Sundar Sarangi
Ex. Teacher, M.K.C. High School, Baripada

2ND EDITION

ମୟୂରଭଞ୍ଜ ଇତିହାସ

ପ୍ରଥମ ମୁଦ୍ରଣ- ୧୯୩୭
ପୁନଃ ମୁଦ୍ରଣ- ୨୦୦୫



ପ୍ରାକ୍ତନ ସହକାରୀ ଶିକ୍ଷକ, ବାରିପଦା

: ପ୍ରକାଶକ :

ପ୍ରଭୁକୃପା ପ୍ରକାଶନୀ
ପ୍ରଫୁଲ୍ଲ ନଗର, ବାରିପଦା,ମୟୂରଭଞ୍ଜ

Digitized by PPRACHIN, SOA

MAYURBHANJ ITIHAS ▮ Shyam Sundar Sarangi ▮ Publisher Dr. Mohit Kumar Sarangi ▮ First Edition- 1937 ▮ Second Edition- 2005 ▮ @ Dr. Mohit Kumar Sarangi ▮ Print : Omkar Offset, Nayabazar, Balasore-261765,9437066265 ▮ Price : 40/-(Forty Rupees Only)

ପ୍ରକାଶକ : ଡଃ.ମୋହିତ କୁମାର ଷଡ଼ଙ୍ଗୀ ▮ ପ୍ରଭୁକୃପା ପ୍ରକାଶନୀ ▮ ପ୍ରଫୁଲ୍ଲ ନଗର, ବାରିପଦା, ମୟୂରଭଞ୍ଜ ▮ ଟେଲିଫୋନ୍ : ୦୬୭୯୨-୨୬୨୫୧୦ ▮ ପୁନଃ ମୁଦ୍ରଣ: ୨୦୦୫ ▮ ସ୍ୱତ୍ୱାଧିକାରୀ: ଡଃ ମୋହିତ କୁମାର ଷଡ଼ଙ୍ଗୀ ▮ ମୁଦ୍ରଣ: ଓଁକାର ଅଫସେଟ୍, ନୂଆବଜାର, ବାଲେଶ୍ୱର, ୨୬୧୭୬୫,୯୪୩୭୦୬୬୨୬୫ ▮ ମୂଲ୍ୟ:ଟ ୪୦.୦୦(ଚାଳିଶ ଟଙ୍କା ମାତ୍ର)

Digitized by PPRACHIN, SOA

ଭୂମିକା ❑

ମୟୂରଭଞ୍ଜର ରାଜବଂଶ ଉତ୍କଳରେ ଅତି ପ୍ରାଚୀନ ଓ ସୁପ୍ରସିଦ୍ଧ । ଆଜି ପର୍ଯ୍ୟନ୍ତ ଏହି ଗୌରବମୟ ରାଜବଂଶର ଖଣ୍ଡିଏ ଧାରାବାହିକ ଇତିହାସ ଓଡ଼ିଆ ଭାଷାରେ ପ୍ରକାଶିତ ହୋଇ ନ ଥିଲା । ମୟୂରଭଞ୍ଜର ଇତିହାସ ଖଣ୍ଡି ମୟୂରଭଞ୍ଜ ତଥା ସମଗ୍ର ଉତ୍କଳରେ କେତେ ଦୂର ଆବଶ୍ୟକ ତାହା ଅନେକେ ଅନୁଭବ କରିଥିବେ । ଆଜି ମୁଁ ଏ ଅଭାବ ଅବଲୋକନ କରି ଏହି ପୁସ୍ତକ ଖଣ୍ଡି ପ୍ରଣୟନ କରିବାକୁ ପ୍ରୟାସୀ ହେଲି ।

ଏହି ପୁସ୍ତକ ଖଣ୍ଡି ସଂକଳନ କରିବାରେ ମୋତେ ଅନେକ ଗୁଡ଼ିଏ ପୁସ୍ତକର ସାହାଯ୍ୟ ନେବାକୁ ହୋଇଥିଲା । ସୁଖର ବିଷୟ ମୟୂରଭଞ୍ଜ ଷ୍ଟେଟ୍ ଆରକିଓଲୋଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ବି.ଏସ୍.ସି., ଏମ୍.ଆର.ଏ.ଏସ୍., ଏଫ୍.ଆର୍.ଏ.ଆଇ. ଏହି ପାଣ୍ଡୁଲିପି ସଂଶୋଧନ କରି ମୋତେ ବିଶେଷ ଭାବରେ ଉତ୍ସାହିତ କରିଥିବାରୁ ମୁଁ ତାଙ୍କୁ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ଏବଂ ଶିକ୍ଷା ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଶଚୀନ୍ଦ୍ର ନାଥ ଦାସ, ଏମ୍.ଏ.,ବି.ଏଲ୍.,ଡି.ଇଡ଼ି. ମହୋଦୟ ପାଣ୍ଡୁଲିପିଟି ଆମୂଳ ପାଠ କରି ସୁକୁମାରମତି ବାଳକ ବାଳିକାମାନଙ୍କର ପାଠ୍ୟ ପୁସ୍ତକ ରୂପେ ନିର୍ବାଚନ କରିଥିବାରୁ ମୁଁ ମଧ୍ୟ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ପରିଶେଷରେ ମୋର ବକ୍ତବ୍ୟ ଏହି ଯେ ପୁସ୍ତକ ଖଣ୍ଡି ବାଳକ ବାଳିକା ତଥା ସର୍ବସାଧାରଣଙ୍କର ଉପକାରରେ ଆସିଲେ ମୋର ପରିଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ।

ବିନୀତ । ଲେଖକ ।

Digitized by PPRACHIN, SOA

ପଦେ ଅଧେ ❑

ମୋର ପୂଜ୍ୟ ପିତା ସ୍ୱର୍ଗୀୟ ଶ୍ୟାମ ସୁନ୍ଦର ଷଡ଼ଙ୍ଗୀ ମୟୂରଭଞ୍ଜ ଇତିହାସ ପୁସ୍ତକର ରଚୟିତା । ତାଙ୍କ ଲିଖିତ ପୁସ୍ତକଟି ବହୁଦିନ ପୂର୍ବରୁ ପ୍ରକାଶିତ ହୋଇ ମୟୂରଭଞ୍ଜ ତଥା ଓଡ଼ିଶାର ଅନ୍ୟାନ୍ୟ ଅଂଚଳରେ ବହୁଳ ଭାବେ ଆଦୃତ ହୋଇଥିଲା । ପ୍ରଥମେ ଏହା ୪ର୍ଥ/୫ମ ଶ୍ରେଣୀର ପାଠ୍ୟ ହିସାବରେ ଉଦ୍ଦିଷ୍ଟ ଥିଲା । ସେଥିରୁ ଇତିହାସର ଆଦର, ଉପଯୋଗତା ଓ ଗୁରୁତ୍ୱ କେତେ, ତାହାର ପ୍ରମାଣ ମିଳିଥାଏ ।

କ୍ରମେ କ୍ରମେ ପୁସ୍ତକଟି ଆଉ ଲଭ୍ୟ ହେଲା ନାହିଁ । ଲେଖକ ପ୍ରୟାସ କରିଥିଲେ ଆଉ ଥରେ ସେ ପୁସ୍ତକକୁ ପ୍ରକାଶ କରିବା ପାଇଁ । ସେଥିନିମିତ୍ତ ସେ ୧୯୯୨ ମସିହାରେ ମୋର ଝିଅ ଓ ପୁତୁରାକୁ ଦାୟିତ୍ୱ ଦେଇଥିଲେ । ମାତ୍ର ତାଙ୍କର ଜୀବନକାଳ ଭିତରେ ତାହା ସମ୍ଭବ ହୋଇପାରିଲା ନାହିଁ ।

ମୟୂରଭଂଜର ଇତିହାସ ପ୍ରେମୀ, ସଂସ୍କୃତି ପ୍ରେମୀ, ମୋର ବଂଧୁ, ସହକର୍ମୀ, ଗୁରୁଜନ ତଥା ମୟୂରଭଞ୍ଜ ଅନୁରାଗୀ ବ୍ୟକ୍ତିମାନେ ମୋତେ ବହୁ ସମୟରେ ଏହି ପୁସ୍ତକର ଲଭ୍ୟତା ସମ୍ବନ୍ଧରେ ଅନୁରୋଧ କରି ଆସିଅଛନ୍ତି । ତେଣୁ ପିତାଙ୍କର ଇଚ୍ଛା ପୂରଣ କରିବା ନିମନ୍ତେ ତଥା ଶିକ୍ଷାନୁରାଗୀମାନଙ୍କର ଚାହିଦା ପୂରଣ ପାଇଁ ମୟୂରଭଞ୍ଜ ଇତିହାସକୁ ପୁନଃମୁଦ୍ରିତ କରିବାକୁ ମୁଁ ପ୍ରୟାସ କରିଅଛି । ଗତ ପ୍ରକାଶନ ସମୟରେ ରାଜତନ୍ତ୍ର ଶାସନର ବିବରଣୀ ଅସଂପୂର୍ଣ୍ଣ ଥିବାରୁ ମୁଁ ତାକୁ ସଂକ୍ଷିପ୍ତ ଭାବରେ ସୂଚିତ କରିଅଛି । ଏତଦ୍ ବ୍ୟତୀତ ପୁରାତନ ସଂସ୍କରଣର ଆଂଶିକ ମୁଦ୍ରଣଗତ ତ୍ରୁଟିକୁ ସଂଶୋଧନ କରିଛି ।

ଏହି ପୁନଃ ପ୍ରକାଶ ନିମିତ୍ତ ମୋତେ ମୋର ଶୁଭାକାଂକ୍ଷୀ ତଥା ବାରିପଦାର ସଂସ୍କୃତି ପ୍ରେମୀ ଶ୍ରୀ ଲକ୍ଷ୍ମୀ ନାରାୟଣ ଦାସ (ଟୁରୀବାବୁ) ବିଶେଷ ଭାବେ ପ୍ରେରଣା ଓ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ଏହି କ୍ଷୁଦ୍ର ପୁସ୍ତକଟି ଇତିହାସ ପ୍ରେମୀ, ଗବେଷକ ତଥା ମୟୂରଭଞ୍ଜ ଅନୁରାଗୀ ବ୍ୟକ୍ତିମାନଙ୍କୁ କିଞ୍ଚିତ ଭାବେ ସହାୟକ ହେବ ବୋଲି ଆଶା କରୁଅଛି ।

ଡକ୍ଟର ମୋହିତ କୁମାର ଷଡ଼ଙ୍ଗୀ
ଓ ଷଡ଼ଙ୍ଗୀ ପରିବାର ବର୍ଗ

Digitized by PPRACHIN, SOA

ଶ୍ରଦ୍ଧାଞ୍ଜଳି

ଶ୍ୟାମସୁନ୍ଦର ଷଡ଼ଙ୍ଗୀ

ଜନ୍ମ : ୨୮ । ୧ । ୧୯୧୩   ତିରୋଧାନ : ୨୦ । ୬ ।

Digitized by PPRACHIN, SOA

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ

Digitized by PPRACHIN, SOA

କୀଚକେଶ୍ୱରୀ ମନ୍ଦିର, ଖିଚିଂ

Digitized by PPRACHIN, SOA



ବାରିପଦାସ୍ଥ ରାଜପ୍ରାସାଦ- ବର୍ତ୍ତମାନର କଲେଜ କୋଠା

Digitized by PPRACHIN, SOA

ସୂଚୀପତ୍ର

ପାଠ	ବିଷୟ	ପୃଷ୍ଠା
୧ମ	ମୟୂରଭଞ୍ଜ ଭୂଗୋଳ ଓ ବାସିନ୍ଦା	୧୦
୨ୟ	ମୟୂରଭଞ୍ଜର ପ୍ରାଚୀନ ସୀମା	୧୩
୩ୟ	ରାଜବଂଶ	୧୪
୪ର୍ଥ	ମହାରାଜା ଜଗନ୍ନାଥ ଭଞ୍ଜ ଦେବ	୧୭
୫ମ	ମହାରାଜା ନୀଳକଣ୍ଠ ଭଞ୍ଜ ଦେବ	୨୦
୬ଷ୍ଠ	ମହାରାଜା ବୈଦ୍ୟନାଥ ଭଞ୍ଜ ଦେବ	୨୨
୭ମ	ମହାରାଜା ହରିହର ଭଞ୍ଜ ଦେବ	
	ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ	୨୩
୮ମ	ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ (୧ମ)	୨୫
୯ମ	ମହାରାଜା ସର୍ବେଶ୍ୱର ଭଞ୍ଜ ଦେବ	
	ମହାରାଜା ବିରବିକ୍ରମାଦିତ୍ୟ ଭଞ୍ଜ ଦେବ	୨୬
୧୦ମ	ମହାରାଜା ରଘୁନାଥ ଭଞ୍ଜ ଦେବ	୨୭
୧୧ଶ	ମହାରାଜା ଚକ୍ରଧର ଭଞ୍ଜ ଦେବ	୨୯
୧୨ଶ	ମହାରାଜା ଦାମୋଦର ଭଞ୍ଜ ଦେବ	୩୦
୧୩ଶ	ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ	୩୨
୧୪ଶ	ଭଞ୍ଜ ରାଜତ୍ୱରେ ହରିହରପୁର	୩୩
୧୫ଶ	ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ (୨ୟ)	୩୫
୧୬ଶ	ମହାରାଜା ଯଦୁନାଥ ଭଞ୍ଜ ଦେବ	୩୬
୧୭ଶ	ମହାରାଜା ଶ୍ରୀନାଥ ଭଞ୍ଜ ଦେବ	୩୮
୧୮ଶ	ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ	୩୯
୧୯ଶ	ମହାରାଜା ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ	୪୨
୨୦ଶ	ମହାରାଜା ଲେଫ୍‌ଟନେଣ୍ଟ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ	୪୭
୨୧ଶ	ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବ,କେ.ସି.ଆଇ.ଇ. ଓ ରାଜତନ୍ତ୍ରର ସମାପ୍ତି	୫୧

Digitized by PPRACHIN, SOA

ମୟୂରଭଞ୍ଜ ଇତିହାସ

୧ମ ପାଠ

ମୟୂରଭଞ୍ଜ ଭୂଗୋଳ ଓ ବାସିନ୍ଦା

ଆୟତନ ଓ ଲୋକସଂଖ୍ୟା: ଭାରତବର୍ଷର କ୍ଷେତ୍ରଫଳ ୧୮୮୬୦୭୯ ବର୍ଗମାଇଲ । ତନ୍ମଧ୍ୟରୁ ସାନ ବଡ଼ ହୋଇ ୧୫ଟି ବ୍ରିଟିଶ ଭାରତୀୟ ପ୍ରଦେଶ ଅଛି । ଏମାନଙ୍କର କ୍ଷେତ୍ରଫଳ ୧୦୯୬୧୭ ବର୍ଗମାଇଲ । ଆହୁରି ମଧ୍ୟ ସାନ ବଡ଼ ହୋଇ ବିଭିନ୍ନ ଏଜେନ୍‌ସିଭୁକ୍ତ ୫୬୨ ଗୋଟି ଦେଶୀୟ ରାଜ୍ୟ ଅଛି । ଏମାନଙ୍କର କ୍ଷେତ୍ରଫଳ ୭୧୨୫୦୮ ବର୍ଗମାଇଲ ।

ଭାରତବର୍ଷର ପୂର୍ବାଞ୍ଚଳ ଦେଶୀୟ ରାଜ୍ୟସମୂହର ଏଜେନ୍‌ସିରେ ଓଡ଼ିଆଭାଷୀ ୨୬ଟି ଓ ହିନ୍ଦିଭାଷୀ ୧୪ଟି ଓ ବଙ୍ଗଭାଷୀ ୨ଟି- ଏହିପରି ମୋଟରେ ୪୨ ଗୋଟି ରାଜ୍ୟ ଅଛି । ଏମାନଙ୍କର କ୍ଷେତ୍ରଫଳ ୬୭୦୫୪ ବର୍ଗମାଇଲ ।

ଆମ୍ଭମାନଙ୍କର ଜନ୍ମଭୂମି ମୟୂରଭଞ୍ଜ ରାଜ୍ୟ ଏହି ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହ ଏଜେନ୍‌ସିର ଅନ୍ତର୍ଭୁକ୍ତ । ଏହାର କ୍ଷେତ୍ରଫଳ ୪୨୪୩ ବର୍ଗମାଇଲ । କ୍ଷେତ୍ରଫଳ ଅନୁସାରେ ମୟୂରଭଞ୍ଜ ଏହି ଏଜେନ୍‌ସିରେ ୩ୟ ଓ ଭାରତବର୍ଷରେ ୨୮ତମ ସ୍ଥାନ ଅଧିକାର କରିଅଛି । ଓଡ଼ିଆଭାଷୀ ରାଜ୍ୟ ମଧ୍ୟରେ ମୟୂରଭଞ୍ଜ ବୃହତ୍ତମ । ଏହାର ଲୋକସଂଖ୍ୟା ୮୮୯୬୦୩ । ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ଏଜେନ୍‌ସିରେ ଲୋକସଂଖ୍ୟା ୮୦୮୪୧୯୧ । ସୁତରାଂ ଲୋକସଂଖ୍ୟା ତୁଳନାରେ ମୟୂରଭଞ୍ଜ ଏହି ଏଜେନ୍‌ସିରେ ସର୍ବପ୍ରଥମ ସ୍ଥାନ ଓ ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ୧୬ଶ ସ୍ଥାନ ଅଧିକାର କରିଅଛି ।

ଚତୁଃସୀମା: ମୟୂରଭଞ୍ଜର ଉତ୍ତରରେ ସରାଇକଳା ରାଜ୍ୟ ଓ ବିହାର ପ୍ରଦେଶ ସିଂହଭୂମି ଜିଲ୍ଲାର ଧଳାଭୂମ ପ୍ରଗନା ଓ ବଙ୍ଗ ପ୍ରଦେଶର ମେଦିନୀପୁର ଜିଲ୍ଲା, ପୂର୍ବରେ ମେଦିନୀପୁର ଓ ଓଡ଼ିଶା ପ୍ରଦେଶର ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ ନୀଳଗିରି ରାଜ୍ୟ, ବାଲେଶ୍ୱର ଜିଲ୍ଲା ଓ କେଉଁଝର ରାଜ୍ୟ ଏବଂ ପଶ୍ଚିମରେ କେଉଁଝର ରାଜ୍ୟ ଓ ସିଂହଭୂମର କୋଲ୍‌ହାନ ଅବସ୍ଥିତ ।

ସୁବର୍ଣ୍ଣରେଖା ନଦୀ କୂଳବର୍ତ୍ତୀ ଓଲମରା ପ୍ରଗନାର ଚତୁର୍ଦ୍ଦିଗରେ ମୋଗଲବନ୍ଦି ଥିବାରୁ ବେଶ ବୁଝାଯାଏ ଯେ ପୂର୍ବେ ଓଲମରା ମୟୂରଭଞ୍ଜକୁ ଲାଗିଥିଲା । ଏହିପରି

Digitized by PPRACHIN, SOA

ବାଲେଶ୍ୱର ଜିଲ୍ଲାରେ ବସ୍ତା ନିକଟବର୍ତ୍ତୀ କେତୋଟି ଗ୍ରାମ ମଧ୍ୟ ମୟୂରଭଞ୍ଜର ଅନ୍ତର୍ଭୁକ୍ତ । ନାୟାବସାଣ ଜମିଦାରୀ ମଧ୍ୟରୁ ନୟାବସାଣ ପ୍ରଗନା ଷ୍ଟେଟକୁ ଲାଗିଅଛି । ମାତ୍ର ରୋହିଣୀ ପ୍ରଗନା ସୁବର୍ଣ୍ଣରେଖାର ଅପର ପାର୍ଶ୍ୱରେ ଅବସ୍ଥିତ । ମୟୂରଭଞ୍ଜ ରାଜ୍ୟ ଖଣ୍ଡବିଖଣ୍ଡ ହେବାର କାରଣ ପରେ ଲେଖାଯାଇଅଛି ।

ଭୂଗୋଳ: ମୟୂରଭଞ୍ଜ ୨୧.୧/୨ ଡିଗ୍ରୀ ଠାରୁ ୨୨.୧/୨ ଡିଗ୍ରୀ ଉତ୍ତର ଅକ୍ଷାଂଶ, ୮୫.୧/୨ ଡିଗ୍ରୀ ଠାରୁ ୮୭ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହାର ମଧ୍ୟାଞ୍ଚଳ ପାହାଡ଼ିଆ । ପାହାଡ଼ିଆ ଭୂମିର କ୍ଷେତ୍ରଫଳ ୧୦୦୦ ବର୍ଗମାଇଲରୁ ଅଧିକ । ଏଥିରେ ସାନବଡ଼ ହୋଇ ଅନେକ ପର୍ବତ ଓ ପର୍ବତ ଶୃଙ୍ଗ ଅଛି । ସେମାନଙ୍କ ମଧ୍ୟରେ ମେଘାସନ ପର୍ବତ ସର୍ବୋଚ୍ଚ ଓ ତାହାର ଉଚ୍ଚତା ୩୮୨୪ ଫୁଟ । ମଧ୍ୟାଞ୍ଚଳର ପାହାଡ଼ଶ୍ରେଣୀ ଶିମିଳିପାଳ ନାମରେ ପରିଚିତ । ଏହି ପର୍ବତଶ୍ରେଣୀର କ୍ଷେତ୍ରଫଳ ୧୧୦୧୦ ବର୍ଗମାଇଲ । ପାହାଡ଼ଗୁଡ଼ିକ ଶାଳ ପିଆଶାଳ ପ୍ରଭୃତି ମୂଲ୍ୟବାନ୍ କାଠର ଜଙ୍ଗଲରେ ପୂର୍ଣ୍ଣ । ଏହି ପାହାଡ଼ଶ୍ରେଣୀ ମୟୂରଭଞ୍ଜକୁ ଦୁଇ ପ୍ରାକୃତିକ ବିଭାଗରେ ବିଭକ୍ତ କରିଅଛି । ଯଥା- ପୂର୍ବ ଓ ପଶ୍ଚିମ ବିଭାଗ, ପୂର୍ବଭାଗ ନିମ୍ନ ଏବଂ ପଶ୍ଚିମଭାଗ ଉଚ୍ଚ । ଏହି ଦୁଇ ପ୍ରାକୃତିକ ବିଭାଗ ଚାରି ଗୋଟି ସବ୍‌ଡିଭିଜନରେ ବିଭକ୍ତ ହୋଇଅଛି । ପୂର୍ବଭାଗରେ ସଦର ଓ କପ୍ତିପଦା ସବ୍‌ଡିଭିଜନ ଏବଂ ପଶ୍ଚିମଭାଗରେ ବ୍ରାହ୍ମଣଘାଟୀ ଓ ପାଞ୍ଚପୀଢ଼ ସବ୍‌ଡିଭିଜନ ଅବସ୍ଥିତ । ପାଞ୍ଚପୀଢ଼ର କରଞ୍ଜିଆ,ବ୍ରାହ୍ମଣଘାଟୀର ରାଇରଙ୍ଗପୁର, କପ୍ତିପଦାର ଉଦଳା ଏବଂ ସଦର ସବ୍‌ଡିଭିଜନର ବାରିପଦା ହେଡ୍‌କ୍ୱାର୍ଟର ଅଟେ । ବାରିପଦା ମୟୂରଭଞ୍ଜର ରାଜଧାନୀ ।

ପ୍ରତ୍ୟେକ ସବ୍‌ଡିଭିଜନର କ୍ଷେତ୍ରଫଳ ନିମ୍ନରେ ଦିଆଗଲା ।

୧) ସଦର ସବ୍‌ଡିଭିଜନ	୧୨୨୫.୪୬ ବର୍ଗମାଇଲ
୨) କପ୍ତିପଦା ସବ୍‌ଡିଭିଜନ	୪୧୭.୭୪ ବର୍ଗମାଇଲ
୩) ବ୍ରାହ୍ମଣଘାଟୀ ସବ୍‌ଡିଭିଜନ	୭୩୬.୭୬ ବର୍ଗମାଇଲ
୪) ପାଞ୍ଚପୀଢ଼ ସବ୍‌ଡିଭିଜନ	୭୬୧.୬୮ ବର୍ଗମାଇଲ

ରାଜ୍ୟର ସର୍ବତ୍ର ନାନାପ୍ରକାର ଚାଷ ଉପଯୋଗୀ ମୃତ୍ତିକା ଅଛି । ମଧ୍ୟାଞ୍ଚଳରେ ଉର୍ବର ଉପତ୍ୟକା ଥିଲେ ହେଁ ଜଙ୍ଗଲ ହେତୁ ଲୋକବସତି ଅତି ଅଳ୍ପ, ତେଣୁ ଚାଷର ସେତେ ଉନ୍ନତି ହୋଇନାହିଁ । ପାହାଡ଼ିଆ ଭୂମି ବ୍ୟତୀତ ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଉର୍ବର ଜମିରେ ପୂର୍ଣ୍ଣ । ବର୍ଷା ଦିନରେ ଅସଂଖ୍ୟ ନଦୀ ନାଳରୁ ଏହି ଜମିଗୁଡ଼ିକ ଜଳ ପାଏ । ବୈଜ୍ଞାନିକମାନଙ୍କ ମତରେ ଜଙ୍ଗଲ ଅଭାବରେ ଉତ୍ତମ ବୃଷ୍ଟିର ଅଭାବ ହୁଏ । ମୟୂରଭଞ୍ଜର ସର୍ବତ୍ର ଜଙ୍ଗଲଗୁଡ଼ିକ ସୁରକ୍ଷିତ ହୋଇଥିବାରୁ କେବଳ ଯେ ପ୍ରାକୃତିକ ନିୟମ ପରିପାଳିତ

Digitized by PPRACHIN, SOA

ହେଉଅଛି, ତାହା ନୁହେଁ- ତାହା ଦ୍ୱାରା ଲୋକମାନଙ୍କର ଅଶେଷ ଉପକାର ମଧ୍ୟ ହେଉଅଛି । ଏହି ଜଙ୍ଗଲମାନଙ୍କର କ୍ଷେତ୍ରଫଳ ୨୦୦୦ ବର୍ଗମାଇଲରୁ ଅଧିକ । କୃଷି ଉପଯୋଗୀ ଭୂମିର ପରିମାଣ ଜଙ୍ଗଲ ପରିମାଣ ସହିତ ପ୍ରାୟ ସମାନ ।

ବାସିନ୍ଦା: ମୟୂରଭଞ୍ଜ ରାଜ୍ୟରେ ୮୮୯୬୦୩ ଲୋକବାସ କରନ୍ତି । ଏମାନଙ୍କ ମଧ୍ୟରୁ ସଦର ସବ୍‌ଡିଭିଜନରେ ୩୭୮୪୯୩, କପ୍ତିପଦା ସବ୍‌ଡିଭିଜନରେ ୧୨୩୩୫୪, ବ୍ରାହ୍ମଣଘାଟୀ ସବ୍‌ଡିଭିଜନରେ ୨୨୪୮୯୭ ଓ ପାଞ୍ଚପିଢ଼ ସବ୍‌ଡିଭିଜନରେ ୧୬୨୮୫୯ ଲୋକ ବାସ କରନ୍ତି ।

ମୟୂରଭଞ୍ଜରେ ହଜାର ହଜାର ବର୍ଷ ପୂର୍ବରୁ ଲୋକବସତି ଥିବାରୁ ପ୍ରମାଣ ମିଳୁଅଛି । ଆମ୍ଭେମାନେ ଯାହାକୁ ଚଡ଼କ ପଥର (ବଜ୍ର) କହୁ ତାହା ପ୍ରକୃତରେ ପ୍ରସ୍ତର-ଯୁଗରେ ଥିବା ମନୁଷ୍ୟମାନଙ୍କର ଅସ୍ତ୍ର-ଶସ୍ତ୍ର । ଏହି ଯୁଗ ପରେ ତାମ୍ର-ଯୁଗ ଆସିଥିଲା । ତାମ୍ର-ଯୁଗର କୁରାଢ଼ି ମଧ୍ୟ ମୟୂରଭଞ୍ଜରୁ ବାହାରିଅଛି । ତପୂରେ ଲୌହ-ଯୁଗରେ ଲୋକମାନେ ଲୁହାର ବ୍ୟବହାର ଶିଖିଥିଲେ । ଏହି ଯୁଗର ସମୟ ଆଜିକୁ ପ୍ରାୟ ୩୦୦୦ ବର୍ଷ ପୂର୍ବେ ଥିଲା ।

❑❑❑

Digitized by PPRACHIN, SOA

୨ୟ ପାଠ

ମୟୂରଭଞ୍ଜର ପ୍ରାଚୀନ ସୀମା

ପ୍ରାଚୀନ ମୟୂରଭଞ୍ଜ ଯେ କେତେ ବଡ଼ ଥିଲା, ତାହା ଜାଣିବାର ଉପାୟ ନାହିଁ। ସୁପ୍ରସିଦ୍ଧ ଭଞ୍ଜ ରାଜାମାନେ ପ୍ରଥମେ ବ୍ରାହ୍ମଣଘାଟୀ ଓ ଉତ୍ତରାଂଶରେ ଥିବା ମେଦିନୀପୁର ପ୍ରଭୃତି ଅଞ୍ଚଳ ଶାସନ କରି ଆସୁଥିଲେ। ସେତେ ବେଳେ ଖିଚିଙ୍ଗକୋଟ (ଖିଚିଙ୍ଗ) ମୟୂରଭଞ୍ଜର ରାଜଧାନୀ ଥିଲା। ସୁପ୍ରସିଦ୍ଧ ଇତିହାସ ଲେଖକ ହଣ୍ଟର ସାହେବଙ୍କ ମତରେ ଉତ୍ତରରେ ମୟୂରଭଞ୍ଜ ଠାରୁ ଦକ୍ଷିଣରେ ଘୁମସର ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ବିସ୍ତୃତି ଲାଭ କରିଥିଲା।

ଷ୍ଟାରଲିଙ୍ଗ୍ ସାହେବଙ୍କ ଲିଖିତ ଓଡ଼ିଶାର ଇତିହାସରୁ ଜଣାଯାଏ ଯେ, ୧୫୯୨ ଖ୍ରୀ.ଅ. ଅର୍ଥାତ୍ ଆଜି ଠାରୁ ୩୪୩ ବର୍ଷ ପୂର୍ବରୁ ମୟୂରଭଞ୍ଜ ଅଧୀନରେ ୧୧ଟି ରାଜ୍ୟ ଓ ୪୨ଟି କିଲ୍ଲା ଥିଲା। ଏହି ସମୟରେ ଭଞ୍ଜଭୂମ, ମାଣତ୍ରୀ, ହରିହରପୁର, ଦେଉଳିଆ, ପୁରୁଣିଆ,କରକଚିଆ, ବ୍ରାହ୍ମଣଘାଟୀ,ସରହଣ୍ଡା ଏବଂ ଅନ୍ୟ ଦୁଇଟି ସ୍ଥାନରେ ମୋଟରେ ୧୦ଟି ଦୁର୍ଗ ଥିଲା। ଏମାନଙ୍କ ମଧ୍ୟରୁ କେବଳ ଭଞ୍ଜଭୂମକୁ ଛାଡ଼ି ଦେଲେ ଅନ୍ୟ ସ୍ଥାନଗୁଡ଼ିକ ମୟୂରଭଞ୍ଜରେ ଦେଖାଯାଏ। ଭଞ୍ଜଭୂମ ମୟୂରଭଞ୍ଜର ଉତ୍ତରରେ ମେଦିନୀପୁର ଜିଲ୍ଲା ମଧ୍ୟରେ ଅବସ୍ଥିତ।

ଉକ୍ତ ବିବରଣୀରୁ ଜଣାଯାଏ ଯେ ମୟୂରଭଞ୍ଜ ଅଧୀନରେ ୧୧ଟି ରାଜ୍ୟ ଥିଲା, ଯଥା- ନୀଳଗିରି,ସିଂହଭୂମ,ବରାହଭୂମ,ପାଥରଇ,ନରସିଂହପୁର, ଦେବାତ୍ରିଚନ୍ଦ (ଦୀପାକିଆର ଚାନ୍ଦ), ଜମ୍ବୀରାପାଳ,ଯାମକୁଣ୍ଡା, ସେରଗଡ଼, ତାଳମୁଣ୍ଡା ଇତ୍ୟାଦି। ରାଞ୍ଚି ଗେଜେଟିୟାର ଅନୁସାରେ ତମାଡ଼ ଏବଂ ମେଦିନୀପୁର ଗେଜେଟିୟାର ଅନୁସାରେ ବୀରକୁଳ ମଧ୍ୟ ମୟୂରଭଞ୍ଜର ଅନ୍ତର୍ଗତ ଥିଲା।

ହଣ୍ଟର୍ ସାହେବଙ୍କ ମତରେ ମୟୂରଭଞ୍ଜ କ୍ଷେତ୍ରଫଳ ୧୬ଶ ଶତାବ୍ଦୀରେ ୭୩୧୯ ବର୍ଗମାଇଲ ଥିଲା। କିନ୍ତୁ ତାହା ହ୍ରାସପ୍ରାପ୍ତ ହୋଇ ବର୍ତ୍ତମାନ ୪୨୪୩ ବର୍ଗମାଇଲ ଅଛି। ଅତଏବ ଏହିସବୁ ବିବରଣୀମାନଙ୍କରୁ ଜଣାଯାଏ ଯେ ମୟୂରଭଞ୍ଜ ୧୬ଶ ଶତାବ୍ଦୀରେ ଉତ୍ତରରେ ତମାଡ଼, ବରାହଭୂମ, ଦକ୍ଷିଣରେ ମେଦିନୀପୁର ଠାରୁ ବୈତରଣୀ ନଦୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ବଙ୍ଗୋପସାଗର ଠାରୁ ପଶ୍ଚିମରେ ସିଂହଭୂମର ପଶ୍ଚିମସୀମା ପର୍ଯ୍ୟନ୍ତ ବିସ୍ତୃତ ଥିଲା। ମୟୂରଭଞ୍ଜରୁ ସର୍ବପ୍ରଥମେ ପିପିଲି ଓ ତତ୍ପରେ ବାଲେଶ୍ୱର ବିଚ୍ଛିନ୍ନ ହେଲା।

Digitized by PPRACHIN, SOA

୩ୟ ପାଠ

ରାଜବଂଶ

ଭଞ୍ଜରାଜବଂଶ ଓଡ଼ିଶାରେ ଏକ ପ୍ରାଚୀନ ରାଜବଂଶ । ମୟୂରଭଞ୍ଜ ଏକ ପ୍ରାଚୀନ ରାଜ୍ୟ ଓ ଏହାର ଇତିହାସ ବହୁ ପ୍ରାଚୀନ ।

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସହିତ ଶ୍ରୀ ବ୍ରାହ୍ମଣଘାଟୀ ଶୁଭସ୍ଥାନାଧିପତି
ଭଞ୍ଜକୁଳକମଳ ପ୍ରକାଶିତ ସୂର୍ଯ୍ୟବଂଶାବତଂସ
ମୟୂରାଣ୍ଡୋଦ୍ଭବ, ବଶିଷ୍ଠମୁନିପ୍ରତିପାଳିତ
ଶ୍ରୀରାମଚନ୍ଦ୍ର ଟୀକା ସାରମହାମହିମାନ୍ୱିତ
ଶ୍ରୀମଦ୍ ଶ୍ରୀ ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେବ
କେ.ସି.ଆଇ.ଇ."

ମୟୂରଭଞ୍ଜର ପଞ୍ଜିକା ଉପରେ ଉପରଲିଖିତ କଥାଗୁଡ଼ିକ ଉଲ୍ଲେଖ ଅଛି । ସେଗୁଡ଼ିକ ଯେ କେତେ ପୁରୁଣା ତାହା ସ୍ଥିର କରିବା ବଡ଼ କଠିନ । ବହୁକାଳରୁ ଏହି କଥା ମୟୂରଭଞ୍ଜର ରାଜକୀୟ ଲେଖାରେ ମହାରାଜାଙ୍କର ବିରୁଦ ବୋଲି ଚଳି ଆସୁଅଛି । ହଣ୍ଟର୍ ସାହେବଙ୍କ ଲେଖା ଅନୁସାରେ ମୟୂରଭଞ୍ଜର ଭଞ୍ଜ ରାଜବଂଶ ପ୍ରାୟ ୨୦୦୦ ବର୍ଷ ପୂର୍ବେ ପ୍ରସିଦ୍ଧି ଲାଭ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟର ପଣ୍ଡିତ ବିନାୟକ ମିଶ୍ର ପ୍ରମାଣ କରିଅଛନ୍ତି ଯେ ଭଞ୍ଜ ରାଜବଂଶ ସୁବିଖ୍ୟାତ ମୌର୍ଯ୍ୟ ରାଜବଂଶର ବଂଶଧର ଅଟନ୍ତି ।

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ୫ ସାଲ ବା ୧୩୩୮ ବର୍ଷ ପୂର୍ବେ ଭଞ୍ଜ ରାଜବଂଶର ସ୍ଥାପୟିତା, ରାଜପୁତାନାର ଜୟପୁରରୁ ଆସିଥିଲେ । ମାତ୍ର ୧୩୩୮ ବର୍ଷ ପୂର୍ବେ ଜୟପୁର ରାଜ୍ୟର ଅସ୍ତିତ୍ୱ ଓ ଓଡ଼ିଶାର ଗଜପତି ବଂଶ ରାଜତ୍ୱ କରୁଥିବାର ପ୍ରମାଣ ଅଭାବରୁ ଏହି କିମ୍ବଦନ୍ତୀ ସମ୍ପୂର୍ଣ୍ଣ ବିଶ୍ୱାସ ଯୋଗ୍ୟ ନୁହେଁ । ଖିଚିଙ୍ଗ ମଣ୍ଡଳର ଭଞ୍ଜ ରାଜାମାନେ ଖ୍ରୀଷ୍ଟୀୟ ୪ର୍ଥ/୫ମ ଶତାବ୍ଦୀରୁ ଶାସନ କରୁଥିଲେ ବୋଲି ବିଭିନ୍ନ ଭିତ୍ତିଚିତ୍ର ଓ ଅନୁଶାସନକୁ ଭିତ୍ତିକରି କେତେକ ମତ ଦିଅନ୍ତି । ପ୍ରମାଣର ଅଭାବ ଯୋଗୁଁ ଏହିସବୁ କିମ୍ବଦନ୍ତୀ ବା ଅନୁମାନ ଉପରେ ସତ୍ୟାସତ୍ୟର କିଛି ନିର୍ଭର କରାଯାଇ ନପାରେ । ଆମ୍ଭମାନଙ୍କ ଦେଶରେ ଧାରାବାହିକ ଇତିହାସ ଲେଖିବାର ବ୍ୟବସ୍ଥା ନ ଥିଲା । ତେଣୁ ଭଞ୍ଜବଂଶ ଅତି ପ୍ରାଚୀନ ଥିବାରୁ ସମସାମୟିକ ଲିପି ବା ତାମ୍ରପତ୍ର ସନନ୍ଦ ଅଭାବରୁ ସେ ବିଷୟରେ କୌଣସି ପୁସ୍ତକ ଲେଖିବା ବଡ଼ କଠିନ ଥିଲା ।

Digitized by PPRACHIN, SOA

୧୦୦୦ ବର୍ଷ ପୂର୍ବର ତମ୍ବାପତ୍ର ସନନ୍ଦରୁ ଦେଖାଯାଏ ଯେ ମୟୂରଭଞ୍ଜ ମହାରାଜାଙ୍କର ପୂର୍ବପୁରୁଷମାନେ ଖିଚିଙ୍ଗକୋଟ ବା ଖିଚିଙ୍ଗ ଠାରେ ରାଜପଣ କରୁଥିଲେ । ତମ୍ବା ପଟ୍ଟାମାନଙ୍କ (ଭଞ୍ଜସନନ୍ଦ) ସାହାଯ୍ୟରେ ରାଜବଂଶାବଳୀର ଯେଉଁ ପରିଚୟ ମିଳେ, ତାହା ନିମ୍ନରେ ପ୍ରକାଶ କରାଗଲା ।

ବୀର ଭଦ୍ରାଖ୍ୟ ଆଦିଭଞ୍ଜ ଦେବ
|
କୋଟ ଭଞ୍ଜ ଦେବ
|
ଦିଗ ଭଞ୍ଜ ଦେବ
|
ରଣ ଭଞ୍ଜ ଦେବ

- ରାଜ ଭଞ୍ଜ ଦେବ
- ପୃଥ୍ୱୀଭଞ୍ଜ ଦେବ
  - ନରେନ୍ଦ୍ର ଭଞ୍ଜ ଦେବ
- ମହାରାଜାଧିରାଜ ପରମେଶ୍ୱର ଶତ୍ରୁ ଭଞ୍ଜ ଦେବ

ମଧ୍ୟଯୁଗରେ ରାଜତ୍ୱ କରୁଥିବା ଭଞ୍ଜରାଜାମାନଙ୍କର ତାମ୍ରଲେଖାରୁ ଜଣାପଡୁଛି ଆଦି ଭଞ୍ଜ ଦେବ ଏହି ବଂଶର ପ୍ରତିଷ୍ଠାତା । ଆଦିଭଞ୍ଜ ଏକ ଐତିହାସିକ ବ୍ୟକ୍ତି ନୁହଁନ୍ତି । ମାତ୍ର କୋଟଭଞ୍ଜ ହେଉଅଛନ୍ତି ଖିଚିଙ୍ଗକୋଟର ପ୍ରକୃତ ପ୍ରତିଷ୍ଠାତା ।

ଭଞ୍ଜରାଜାମାନଙ୍କ ପ୍ରଦତ୍ତ ଅନୁଶାସନ ଓ ଖିଚିଙ୍ଗର ପ୍ରତ୍ନତାତ୍ତ୍ୱିକ ଅବଶେଷକୁ ଅନୁଶୀଳନ କଲେ ମୟୂରଭଞ୍ଜର ପ୍ରାଚୀନ ଇତିହାସ ସଂକଳନ କରାଯାଇଥାଏ । ଏହି ରାଜାମାନେ ୧୦ମ ଓ ୧୧ଶ ଶତାବ୍ଦୀରେ ଖିଚିଙ୍ଗ ରାଜଧାନୀରେ ରାଜପଣ କରୁଥିଲେ । ଏମାନଙ୍କ ସମୟରେ ଯାହା ସବୁ ଘଟିଥିଲା, ତାହା ବିଶେଷ ଭାବେ କିଛି ଜଣାଯାଇ ନାହିଁ । କେବଳ ଶିଳ୍ପଗୁଡ଼ିକ ଏମାନଙ୍କ ରାଜପଣର ପରିଚୟ ଦିଏ ।

ଓଡ଼ିଶାରେ ଅନେକ ରାଜବଂଶ, ଯଥା- ଭୌମବଂଶ, ସୋମ ବା କେଶ ବଂଶ ଓ ଗଙ୍ଗବଂଶ ରାଜତ୍ୱ କରିଥିଲେ । ମାତ୍ର ସେ ବଂଶଗୁଡ଼ିକ ବହୁକାଳରୁ ଲୋପ ହୋଇଅଛି । ଏଣୁ ଭଞ୍ଜବଂଶ ପରି ପ୍ରାଚୀନ ରାଜବଂଶ କେବଳ ଓଡ଼ିଶା କାହିଁକି, ଭାରତରେ ମଧ୍ୟ ଅତି ବିରଳ ।

ଶତ୍ରୁଭଞ୍ଜ ଦେବ ଓ ମହାରାଜା ଜଗନ୍ନାଥ ଭଞ୍ଜ ଦେବଙ୍କ ରାଜତ୍ୱ କାଳ ମଧ୍ୟରେ ଅନେକ ରାଜା ରାଜପଣ କରିଥିଲେ, ମାତ୍ର ସେମାନଙ୍କର ନାମ ଓ ରାଜତ୍ୱ ସମ୍ବନ୍ଧରେ ସଠିକ ବିବରଣ ନ ମିଳିବାରୁ ଏହି ପୁସ୍ତକରେ ସେମାନଙ୍କର ନାମ ଦିଆଗଲା ନାହିଁ ।

ଯାହା ଜଣାପଡ଼େ ଖିଚିଙ୍ଗକୋଟର ରାଜାମାନେ ପ୍ରଥମେ ଶୈବ ଥିଲେ ଓ ପରବର୍ତ୍ତୀ

Digitized by PPRACHIN, SOA

ସମୟରେ ସେମାନେ ଶାକ୍ତମତକୁ ପ୍ରାଧାନ୍ୟ ଦେଇଛନ୍ତି । ମାତ୍ର ପ୍ରକୃତରେ କେବେ ଶାକ୍ତମତ ଗ୍ରହଣ କଲେ ତାର ଇତିହାସ ମିଳେ ନାହିଁ । ଖିଚିଙ୍ଗର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଚାମୁଣ୍ଡା (ଖିଜିଙ୍ଗେଶ୍ୱରୀ) । ମନ୍ଦିରମାଳିନୀ ଖିଚିଙ୍ଗର ଅଧିକାଂଶ ମୂର୍ତ୍ତି, ମନ୍ଦିର କୋଟ୍ଟଭଞ୍ଜ, ରଣଭଞ୍ଜ, ରାଜଭଞ୍ଜ, ଶତ୍ରୁଭଞ୍ଜ ପ୍ରଭୃତିଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା ବୋଲି କେତେ ଅନୁମାନ କରନ୍ତି । ଖିଚିଂରେ ଥିବା ମନ୍ଦିରମାନଙ୍କରେ ମୁଖଶାଳା ନାହିଁ ।

ଭଞ୍ଜବଂଶର ପ୍ରତିଷ୍ଠାତା ଆଦିଭଞ୍ଜ ମୟୂରୀର ଅଣ୍ଡାରୁ ଜନ୍ମଗ୍ରହଣ କରି ବିଶିଷ୍ଟମୁନିଙ୍କ ଦ୍ୱାରା କୋଟ୍ୟାଶ୍ରମରେ ପ୍ରତିପାଳିତ ହୋଇଥିଲେ ବୋଲି କିମ୍ବଦନ୍ତୀ ଅଛି । ଭଞ୍ଜ ରାଜାମାନେ ମୟୂରବଂଶଜ ହୋଇଥିବାରୁ ମୟୂରପକ୍ଷୀକୁ ରାଜପରିବାରର ମାନ୍ୟତା ପ୍ରାପ୍ତ ପକ୍ଷୀ ଭାବେ ଗ୍ରହଣ କରିଥିଲେ । ମୟୂର ଓ ଭଞ୍ଜ ବଂଶର ରାଜାମାନଙ୍କ ମଧ୍ୟରେ ସଂପର୍କ ଥିବାରୁ ରାଜ୍ୟର ନାମ ମୟୂରଭଞ୍ଜ ହୋଇଛି ବୋଲି କୁହାଯାଏ । ବିଭିନ୍ନ ସମୟରେ ବିଭିନ୍ନ ଭଞ୍ଜ ରାଜାମାନଙ୍କ ଦ୍ୱାରା ରାଜଧାନୀ ସ୍ଥାନାନ୍ତରିତ ହୋଇଛି । ଭଞ୍ଜରାଜାମାନେ ଯେଉଁ ସ୍ଥାନକୁ ରାଜଧାନୀ ପରିବର୍ତ୍ତନ କରିଛନ୍ତି, ସେସବୁ ସ୍ଥାନମାନଙ୍କରେ ବଂଶର ଅଧିଷ୍ଠାତ୍ରୀ ଦେବୀ ଖିଚିଙ୍ଗଶ୍ୱରୀ ବା କୀଚକେଶ୍ୱରୀଙ୍କର ମୂର୍ତ୍ତି ସ୍ଥାପନ କରି ପୂଜା ଅର୍ଚ୍ଚନାର ସୁବନ୍ଦୋବସ୍ତ କରିଥାଆନ୍ତି ।

କୋଟ୍ଟଭଞ୍ଜ ଏବଂ ତାଙ୍କର ପରବର୍ତ୍ତୀ ଶାସନକର୍ତ୍ତାମାନଙ୍କ ଅମଳରେ ଖିଚିଙ୍ଗ ମୟୂରଭଞ୍ଜର ରାଜଧାନୀ ଥିଲା । ସେତେ ବେଳେ ଖିଚିଙ୍ଗରେ ଶିଳ୍ପବିଦ୍ୟାର ଚର୍ଚ୍ଚା ହେଉଥିଲା । ରାଜ୍ୟର ଶିଳ୍ପୋନ୍ନତିରେ ସମସ୍ତ ପ୍ରକାର ଉନ୍ନତି ଯେ ହୋଇଥିଲା, ଏହା ନିଶ୍ଚିତ । ସେଥିପାଇଁ ଆମ୍ଭେମାନେ ବର୍ତ୍ତମାନ ଖିଚିଙ୍ଗରେ ଓଡ଼ିଶା ବିଖ୍ୟାତ ମନ୍ଦିର ଓ ଦେବଦେବୀମାନଙ୍କର ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଉଁ । ଓଡ଼ିଶାର ଭୁବନେଶ୍ୱର, କୋଣାର୍କ,ପୁରୀ ଏବଂ ଯାଜପୁର ପ୍ରାଚୀନ ମୂର୍ତ୍ତିମାନଙ୍କର ଗଠନ ଓ କାରୁକାର୍ଯ୍ୟ ସହିତ ଖିଚିଙ୍ଗର ମନ୍ଦିର ଏବଂ ଦେବଦେବୀମାନଙ୍କର କାରୁକାର୍ଯ୍ୟ ତୁଳନୀୟ । ଖିଚିଙ୍ଗ୍‌ର ଦେବ ଦେବୀ ଏବଂ ମନ୍ଦିରଗୁଡ଼ିକ ବର୍ତ୍ତମାନ ପ୍ରତ୍ନତତ୍ତ୍ୱ ବିଭଗ ଦ୍ୱାରା ସଂରକ୍ଷିତ ହୋଇଛି । ଖିଚିଙ୍ଗର ପ୍ରାଚୀନତାରୁ ଭଞ୍ଜରାଜବଂଶର ପ୍ରାଚୀନତାର ପ୍ରମାଣ ମିଳେ ।

❑❑❑

Digitized by PPRACHIN, SOA

୪ର୍ଥ ପାଠ

ମହାରାଜା ଜଗନ୍ନାଥ ଭଞ୍ଜ ଦେବ

ଖିଚିଙ୍ଗ ମୟୂରଭଞ୍ଜର ପ୍ରଥମ ରାଜଧାନୀ ଥିଲା । ତାହା କିପରି ଭାବରେ ଓ କେଉଁ ସମୟରେ ପରିବର୍ତ୍ତିତ ହେଲା, ଜଣା ଯାଇ ନାହିଁ । ଭଞ୍ଜବଂଶ ମାଳିକା ପୋଥିରୁ ଜଣାଯାଏ ଯେ ମହାରାଜା ବାଣୁଲୀ ଭଞ୍ଜ ଦେବ ବଡ଼ ମହାରାଣୀଙ୍କୁ ଗଙ୍ଗ ବଂଶରୁ ଏବଂ ସାନ ମହାରାଣୀଙ୍କୁ କଦମ୍ବ ବଂଶରୁ ବିବାହ କରିଥିଲେ । ଦୁଇ ମହାରାଣୀଙ୍କ ଠାରୁ ଏକା ଦିନକେ ଦୁଇ ପୁତ୍ର ଜନ୍ମ ହୋଇଥିଲେ । ପାଟ ମହାରାଣୀଙ୍କର ପୁତ୍ର ବୟସରେ କେତେ ଦଣ୍ଡ ପାଇ ସାନ ଥିବାରୁ କିଏ ଟୀକାୟତ ହେବେ, ଏଥିପାଇଁ ଭାଳେଣି ପଡ଼ିଲା । ମହାରାଜା ସାନ ମହାରାଣୀଙ୍କର ପୁଅଙ୍କୁ ବୟସରେ ବଡ଼ ବିଚାରି "ବଡ଼ କୁଅଁର" ପଦବୀ ଏବଂ ପାଟ ମହାରାଣୀଙ୍କର ପୁଅଙ୍କୁ "ଟୀକାୟତ" ପଦବୀ ଦେଇଥିଲେ । ପୁଅମାନେ ବଡ଼ ହେଲାରୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା । ତେଣୁ ମହାରାଜା ବଡ଼ କୁଅଁରଙ୍କୁ ରାଜ୍ୟଭାର ଅର୍ପଣ କରି ଜଗନ୍ନାଥ ଧାମରେ କ୍ଷେତ୍ରବାସ କରିବା ପାଇଁ ବଡ଼ ମହାରାଣୀ ଓ ଟୀକାୟତଙ୍କୁ ସାଙ୍ଗରେ ନେଇ ପୁରୀ ଯାତ୍ରା କଲେ ।

ମହାରାଜା ଓ ମହାରାଣୀଙ୍କର ପୁରୀ ଠାରେ ମୃତ୍ୟୁ ହେଲା । ତତ୍‌ପରେ ଟୀକାୟତ ଜଗନ୍ନାଥ ଭଞ୍ଜ ଦେବ ଗଜପତି ମହାରାଜା ପ୍ରତାପରୁଦ୍ରଙ୍କ ଠାରେ ନାନା ଭାବରେ ସମ୍ମାନିତ ହୋଇଥିଲେ । ଶେଷରେ ସେ ଗଜପତି ମହାରାଜାଙ୍କର ଜେମାଙ୍କୁ ବିବାହ କରି ଏହି ବାରିପଦା ଦେଶ ଛଅ ଗ୍ରାମ ଦଣ୍ଡପାଟକୁ ଯୌତୁକ ସ୍ୱରୂପ ପାଇଲେ ଏବଂ ସ୍ୱରାଜ୍ୟରେ ନିଜର ଅଙ୍କ ଚଳାଇବାର ଅଧିକାର ପାଇଥିଲେ ।

ପରେ ଏହି ବାରିପଦା ଦଣ୍ଡପାଟ "ହରିହରପୁର" ରାଜ୍ୟ ବୋଲି କଥିତ ହେଲା । କିମ୍ବଦନ୍ତୀରୁ ଯେଉଁ ମୟୂରଧ୍ୱଜ ରାଜାଙ୍କୁ ପରାସ୍ତ କରିବାର ଜଣାଯାଏ, ସେ ରାଜବଂଶ ତମଲୁକରେ ଥିଲେ । କାରଣ ତମଲୁକ ରାଜବଂଶର ପତାକାରେ ମୟୂର ଚିହ୍ନ ଅଙ୍କିତ ଥିଲା, ବର୍ତ୍ତମାନ ମଧ୍ୟ ତମଲୁକ ଅଞ୍ଚଳର ଅନେକ ମନ୍ଦିରରେ ମୟୂରାଙ୍କିତ ଚକ୍ର ଦେଖାଯାଏ । ଏପରି ବି ଗୋପୀବଲ୍ଲଭପୁର ମନ୍ଦିରରେ ମଧ୍ୟ ଏହିପରି ଚକ୍ର ଦେଖାଯାଏ । ଭଞ୍ଜ ମହାରାଜା ମୟୂରଧ୍ୱଜ ବଂଶୀୟ ରାଜାଙ୍କର ଗର୍ବଗଞ୍ଜନ କରିଥିବାରୁ ନୂତନ ଅଧିକୃତ ରାଜ୍ୟର ନାମ ମୟୂରଭଞ୍ଜ ହୋଇଥିବାର ଅନୁମାନ କରାଯାଏ ।

ତତ୍‌ପୂର୍ବେ ମୟୂରଭଞ୍ଜର ନାମ ବୋଧହୁଏ ଭଞ୍ଜଭୂମି ଥିଲା, କାରଣ ନିକଟବର୍ତ୍ତୀ

Digitized by PPRACHIN, SOA

ଅନ୍ୟାନ୍ୟ ରାଜ୍ୟଗୁଡ଼ିକର ଶେଷରେ "ଭୂମି" ଶବ୍ଦ ଥିବାରୁ ଏହି ରାଜ୍ୟର ନାମ ଭଞ୍ଜଭୂମି ଥିଲା । ଆଜିକାଲି ମଧ୍ୟ ଅନେକେ ମୟୂରଭଞ୍ଜକୁ ଭଞ୍ଜଭୂମି ବୋଲି କହନ୍ତି । ବର୍ତ୍ତମାନ ମୟୂରଭଞ୍ଜ ରାଜବଂଶର ସନ୍ତକ ମୟୂର । ମୟୂରଭଞ୍ଜ ରାଜ୍ୟରେ ମୟୂର ମାରିବାର ନିଷିଦ୍ଧ ରାଜାଜ୍ଞା ଅଛି ।

ଜଗନ୍ନାଥ ଭଞ୍ଜ ଯୌତୁକ ପ୍ରାପ୍ତ ରାଜ୍ୟ ବାରିପଦାକୁ ଫେରିଆସି ସେଠାରେ ଗଡ଼ ନିର୍ମାଣ କଲେ । ଏହି ସମ୍ପର୍କରେ ବର୍ତ୍ତମାନ ପ୍ରଚଳିତ ଗୋଟିଏ ପ୍ରଥା ଉଲ୍ଲେଖ କଲେ ବିଷୟଟି ବେଶ ବୁଝାଯିବ ।

ଦରବାର ବେଳେ ମହାରାଜାଙ୍କ ଗାଦି ନିକଟରେ ଗୋଟିଏ ଶୂନ୍ୟ ଗାଦି ସଜ୍ଜିତ ହୋଇଥାଏ । କିମ୍ବଦନ୍ତୀ ଅଛି ଯେ ରାଜ୍ୟର ଉତ୍ତରାଧିକାରୀ ଅନୁପସ୍ଥିତ ଥିବାରୁ ଅନ୍ୟ ରାଜପୁତ୍ର ରାଜସିଂହାସନରେ ବସି ରାଜକାର୍ଯ୍ୟ ଚଳାଇଥିଲା । ପୂର୍ବୋକ୍ତ ଘଟଣାରୁ ଜଣାଯାଉଅଛି ସେ ଟୀକାୟତ ଜଗନ୍ନାଥ ଭଞ୍ଜ ଦେବ ପିତାଙ୍କ ସହିତ ତୀର୍ଥଯାତ୍ରା କରିବାରୁ ବଡ଼ କୁଅଁର ବିଶ୍ୱନାଥ ଭଞ୍ଜ ଦେବ ରାଜା ହୋଇଥିଲେ । ଯାହା ହେଉ ଭାଇ ଦୁଇ ଜଣଙ୍କ ମଧ୍ୟରେ ପରେ ପରସ୍ପର ସ୍ନେହ ଭକ୍ତି ଲାଗି ଏପରି ଶୂନ୍ୟ ଗାଦିର ଯେ ସୃଷ୍ଟି ଏହା ନିଃସନ୍ଦେହ । ଏହାର ସ୍ରଷ୍ଟା ଜଗନ୍ନାଥ ଭଞ୍ଜ କି ବଡ଼ କୁଅଁର ବିଶ୍ୱନାଥ ଭଞ୍ଜ ସ୍ଥିର କରିବା କଠିନ । ବଡ଼ କୁଅଁରଙ୍କ ବଂଶଧରମାନେ ଆଜିଯାଏ ଖିଚିଙ୍ଗର ଅଦୂରବର୍ତ୍ତୀ ରଣ୍ଡୁଆଁ ଠାରେ ବାସ କରି ଆସୁଅଛନ୍ତି । ବାରିପଦା ଦଣ୍ଡପାଟ କଥା ମାଦଳା ପଞ୍ଜି ଓ ଆଇନ ଆକବରିରେ ଉଲ୍ଲେଖ ଅଛି ।

ଜଗନ୍ନାଥ ଭଞ୍ଜ ମୟୂରଭଞ୍ଜର ପୂର୍ବାଞ୍ଚଳରେ ରାଜଧାନୀ କରିବାରୁ ବୈତରଣୀକୂଳବର୍ତ୍ତୀ ରାଜ୍ୟାଂଶରେ ଲୋକମାନଙ୍କର ହାରିଗୁହାରି କରିବାରେ ବିଶେଷ ଅସୁବିଧା ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଭୂୟାଁନେ ମହାରାଜାଙ୍କର ସାନ ଭାଇଙ୍କୁ ଚୋରାଇ ନେଇ କେଉଁଝର ଗାଦି ସୃଷ୍ଟି କରିଥିଲେ । ଯାହା ହେଉ ରାଜଧାନୀ ଖିଚିଙ୍ଗରୁ ବାରିପଦାକୁ ଆସିବା ଦ୍ୱାରା ଯେ କେଉଁଝର ଗାଦିର ସୃଷ୍ଟି ଏହା ନିଃସନ୍ଦେହ । କେଉଁଝର ପରି କନିକା,ବୌଦ,ଘୁମସର,ଦଶପଲ୍ଲା ଓ ହଳଦିଆରେ ଭଞ୍ଜ ରାଜବଂଶ ସ୍ଥାପିତ ହୋଇଥିବାର ଜନଶ୍ରୁତି ରହିଅଛି ।

ମହାରାଜା ଜଗନ୍ନାଥ ଭଞ୍ଜପ୍ରଜାମାନଙ୍କୁ ସୁଖରେ ପାଳନ କରିଥିଲେ । ତାଙ୍କର ଜଗନ୍ନାଥଙ୍କ ପ୍ରତି ଅଟଳ ଭକ୍ତି ଥିଲା । ସେ ବାରିପଦାରେ ବଗସାମଲଗଡ଼ ନିର୍ମାଣ କରିଥିଲେ । ବଗସାମଲଗଡ଼ର ନାମକରଣ ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ଅଛି । ଦିନେ

Digitized by PPRACHIN, SOA

ମହାରାଜା ଶିକାରକୁ ବିଜେ କଲା ବେଳେ ଦେଖିଲେ ଯେ ଏହି ସ୍ଥାନରେ ଗୋଟିଏ ବଗ ଏକ ସାମଳ (ଛଞ୍ଚାଣ)କୁ ମାଡ଼ି ବସି ମାରି ଦେଲା । ଏହି ଅସମ୍ଭବ ଦୃଶ୍ୟ ଦେଖି ସେ ସ୍ଥାନର କିଛି ମାହାତ୍ମ୍ୟ ଥିବାର ଅନୁମାନ କରି ସେଠାରେ ରାଜଧାନୀ କଲେ ।

ଗଜପତି ମହାରାଜା ପ୍ରତାପରୁଦ୍ରଙ୍କର କନ୍ୟା ମୟୂରଭଞ୍ଜର ମହାରାଜା ଜଗନ୍ନାଥ ଭଞ୍ଜ ଦେବଙ୍କୁ ବିବାହ କରି ମୟୂରଭଞ୍ଜର ମହାରାଣୀ ହୋଇଥିଲେ । ବାରପଡ଼ା ପ୍ରଗନାର ପ୍ରତାପପୁରରେ ପ୍ରଚଳିତ କିମ୍ବଦନ୍ତୀରୁ ତାହାର ସ୍ୱତନ୍ତ୍ର ପ୍ରମାଣ ମିଳୁଅଛି । ପ୍ରାଚ୍ୟବିଦ୍ୟାମହାର୍ଣ୍ଣବ ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ବସୁ ମହାଶୟ ପ୍ରତାପପୁର କିମ୍ବଦନ୍ତୀଟି ତାଙ୍କର ମୁଦ୍ରିତ ପୁସ୍ତକରେ ଲେଖିଅଛନ୍ତି । କିମ୍ବଦନ୍ତୀଟି ଏହି- "ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଶ୍ରୀଚୈତନ୍ୟଙ୍କର ଶିଷ୍ୟ ଓ ଭକ୍ତ ଥିଲେ । ଶ୍ରୀଚୈତନ୍ୟଙ୍କର ଅନୁପସ୍ଥିତିରେ ଗୁରୁସେବାରେ ବ୍ୟାଘାତ ପଡ଼ିବା ଜାଣି ଗଜପତି ମହାରାଜା ତାଙ୍କ ଜୀବିତାବସ୍ଥାରେ ପ୍ରତିମୂର୍ତ୍ତି ନିମ୍ବକାଠରେ ଗଢ଼ାଇ ରଖିଥିଲେ । ତାହା ଛଡ଼ା ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କର ମୂର୍ତ୍ତିକୁ ମଧ୍ୟ ସେ ଦୈନିକ ଉପାସନା କରୁଥିଲେ । ଶ୍ରୀଚୈତନ୍ୟଙ୍କର ମୂର୍ତ୍ତିକୁ ସେ ସର୍ବଦା ପାଖରେ ରଖି ପୂଜା କରୁଥିଲେ । ଶ୍ରୀ ପ୍ରତାପରୁଦ୍ରଙ୍କର ବୃନ୍ଦାବନ ଯାତ୍ରା ସମୟରେ ମୟୂରଭଞ୍ଜ ଭିତରେ ଯିବା ବ୍ୟତୀତ ଅନ୍ୟ ପଥ ନ ଥିଲା । ବାଟରେ ପ୍ରତାପପୁର ଠାରେ ସେ ଅସୁସ୍ଥ ହେବାରୁ ତାଙ୍କର ଜୀବନ ସଙ୍କଟାପନ୍ନ ହେଲା । ତେଣୁ ତାଙ୍କର ପୂଜିତ ଦେବତା ଜଗନ୍ନାଥ,ବଳଭଦ୍ର, ସୁଭଦ୍ରା ଓ ଶ୍ରୀଚୈତନ୍ୟଙ୍କର ସେବାପୂଜାର ସୁବନ୍ଦୋବସ୍ତ କରି ସେ ପ୍ରାଣତ୍ୟାଗ କଲେ । ତାଙ୍କର ସମାଧି ମନ୍ଦିର ପ୍ରତାପୁରରେ ଥିଲା । ତାହା ବର୍ତ୍ତମାନ ନଦୀ ଗର୍ଭରେ ବିଲୁପ୍ତ ହୋଇଅଛି । ଏହି ଗ୍ରାମର ନାମ ପୂର୍ବେ ରାମଚନ୍ଦ୍ରପୁର ଥିଲା । କିନ୍ତୁ ପ୍ରତାପରୁଦ୍ରଙ୍କ ନାମରେ ସ୍ମୃତିରକ୍ଷା ପାଇଁ ଗ୍ରାମର ନାମ ପ୍ରତାପପୁର ହୋଇଅଛି ।"

❑❑❑

Digitized by PPRACHIN, SOA

୫ମ ପାଠ

ମହାରାଜା ନୀଳକଣ୍ଠ ଭଞ୍ଜ ଦେବ

ମହାରାଜା ଜଗନ୍ନାଥ ଭଞ୍ଜ ଦେବଙ୍କ ପୁତ୍ର ମହାରାଜା ନୀଳକଣ୍ଠ ଭଞ୍ଜ ଦେବ ପିତାଙ୍କ ମୃତ୍ୟୁ ପରେ ସିଂହାସନରେ ବସିଲେ । ସେ ପରାକ୍ରମଶାଳୀ ଓ ଅତ୍ୟନ୍ତ ଯୋଦ୍ଧା ଥିଲେ । ଏହାଙ୍କର ଟୀକାୟତ ଭଞ୍ଜଦେବ ଓ ଅନ୍ୟ ଦୁଇ ପୁତ୍ର ଛୋଟରାୟ ଓ ରାଉତରାୟ ନାମରେ ବିଦିତ ଥିଲେ । ଏହାଙ୍କ ଜୀବିତାବସ୍ଥାରେ ତିନି ପୁତ୍ର ରାଜ୍ୟ ଶାସନରେ ସାହାଯ୍ୟ କରୁଥିଲେ । ଏହାଙ୍କର ରାଜଧାନୀ ବାରିପଦା ଥିଲା । ନୀଳକଣ୍ଠ ଭଞ୍ଜଦେବଙ୍କର ପୁତ୍ରମାନଙ୍କୁ ରସିକ ଦେବ ଗୋସ୍ୱାମୀ ବୈଷ୍ଣବଧର୍ମରେ ଦୀକ୍ଷିତ କରିଥିଲେ ।

ଓଡ଼ିଶା ଇତିହାସର ଖ୍ୟାତନାମା ରଘୁ ଭଞ୍ଜ ଛୋଟରାୟ ନୀଳକଣ୍ଠ ଭଞ୍ଜଙ୍କର ଭାଇ ଥିଲେ । ଖ୍ରୀ.ଅ. ୧୫୪୦-୪୧ ରେ ଗଜପତି ପ୍ରତାପରୁଦ୍ର ଦେବ ଦେହତ୍ୟାଗ କଲେ । ତାଙ୍କ ପୁତ୍ରମାନଙ୍କୁ ହତ୍ୟା କରି ଗୋବିନ୍ଦ ବିଦ୍ୟାଧର ଓଡ଼ିଶାର ଗଜପତି ବୋଲାଇଲେ । ପ୍ରକୃତରେ ୧୫୪୧ ଠାରୁ ୧୫୫୧ ଖ୍ରୀ.ଅ. ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଘୋର ଅରାଜକତା ଉପସ୍ଥିତ ହୋଇଥିଲା । ଗୋବିନ୍ଦଙ୍କର ଗଜପତି ସିଂହାସନ ଅଧିକାର ଏକାବେଳକେ ନିଷ୍କଣ୍ଟକ ନ ଥିଲା । ଉତ୍ତରାଞ୍ଚଳରୁ ରଘୁ ଭଞ୍ଜ ଛୋଟରାୟ ଓଡ଼ିଶାର ସିଂହାସନ ଦାବି କରି ତାହାକୁ ଆପଣା ଅଧିକାରରେ ଆଣିଥିଲେ । ଏହି ସମୟରେ ଗୋବିନ୍ଦ ଦାକ୍ଷିଣାତ୍ୟ ଯୁଦ୍ଧରେ ଲିପ୍ତ ଥିଲେ ଓ କଟକର ବାରବାଟୀ ଦୁର୍ଗ ମୁକୁନ୍ଦଦେବଙ୍କର ରକ୍ଷଣାବେକ୍ଷଣରେ ଥିଲା । ରଘୁଭଞ୍ଜ ମୁକୁନ୍ଦଦେବଙ୍କୁ ବାରବାଟୀ କଟକରୁ ତଡ଼ି ଦେଇଥିଲେ । ଗୋବିନ୍ଦ ବିଦ୍ୟାଧର ଦାକ୍ଷିଣାତ୍ୟରୁ ଫେରି ରଘୁ ଭଞ୍ଜଙ୍କୁ ପରାସ୍ତ କରିଥିଲେ । ତେଣୁ ସେ ବଙ୍ଗ ଦେଶ ଆଡ଼କୁ ପଳାଇଥିଲେ ।

ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଉତ୍କଳ ଇତିହାସରୁ ଜଣାଯାଏ ଯେ ରଘୁ ଭଞ୍ଜ ଗୋବିନ୍ଦ ବିଦ୍ୟାଧରଙ୍କର ଭଣଜା ଥିଲେ । କିନ୍ତୁ ମୟୂରଭଞ୍ଜ ଇତିହାସରୁ ଜଣାଯାଏ ଯେ ଜଗନ୍ନାଥ ଭଞ୍ଜ ଦେବଙ୍କର ପୁତ୍ରମାନେ ପ୍ରତାପରୁଦ୍ରଙ୍କ ପୁତ୍ରମାନଙ୍କର ଭଣଜା ଅଟନ୍ତି । ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ରଙ୍କ ଅଧୀନରେ ଜଣେ କର୍ମଚାରୀ ମାତ୍ର । ତାଙ୍କର ଭଣଜାମାନଙ୍କ ପକ୍ଷରେ ଗଜପତି ସିଂହାସନ ଆଶା କରିବା କଳ୍ପନାତୀତ ବୋଲା ଯାଇପାରେ । ତେଣୁ ରଘୁ ଭଞ୍ଜ ପ୍ରତାପରୁଦ୍ରଙ୍କର ନାତି ବୋଲି ମାମୁଁ ବଂଶରେ କେହି ନ ଥିବାରୁ ଗଜପତି

Digitized by PPRACHIN, SOA

ସିଂହାସନ ଦାବି କରିବା ସ୍ୱାଭାବିକ । ରଘୁ ଭଞ୍ଜ ଜଗନ୍ନାଥ ଭଞ୍ଜ ଦେବଙ୍କର ଦ୍ୱିତୀୟ ପୁତ୍ର । ସେ ଓଡ଼ିଶା ସିଂହାସନ ଅଧିକାର କରିବା ପାଇଁ ବଙ୍ଗ ଦେଶର ମୁସଲମାନଙ୍କ ଠାରୁ ସାହାଯ୍ୟ ପାଇ ୧୫୫୧ ଖ୍ରୀ.ଅ.ରେ ପୁର୍ନବାର କଟକ ଆକ୍ରମଣ କରିଥିଲେ । ମାତ୍ର ଶେଷରେ ମୁକୁନ୍ଦଦେବଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ମୁକୁନ୍ଦଦେବଙ୍କର ମୃତ୍ୟୁ ପରେ ୧୫୬୮ ଖ୍ରୀ.ଅ.ରେ ବନ୍ଦିଶାଳାରୁ ସେ ଆପଣାକୁ ମୁକ୍ତ କରି ଉତ୍କଳ ସିଂହାସନ ପୁନର୍ବାର ଅଧିକାର କରିଥିଲେ । ସେ କେତେ ମାସ ରାଜତ୍ୱ କଲା ପରେ କଳାପାହାଡ଼ଙ୍କ ସହିତ ଯୁଦ୍ଧ କରି ନିହତ ହେଲେ ।

❑❑❑

Digitized by PPRACHIN, SOA

୬ଷ୍ଠ ପାଠ

ମହାରାଜା ବୈଦ୍ୟନାଥ ଭଞ୍ଜ ଦେବ

"x x x x x
ଭଞ୍ଜେନ ବଦ୍ୟନାଥେନ
ପ୍ରାସାଦ କୃତୋ ମୁଦା ।"

ଉପର ଲିଖିତ ଶ୍ଳୋକଟି ଆଜିକାଲି ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର କାନ୍ଥରେ ଦେଖାଯାଏ । ଏଥିରୁ ଜଣାଯାଏ ଯେ, ମହାରାଜା ବୈଦ୍ୟନାଥ ଭଞ୍ଜ ଦେବ ଏହି ମନ୍ଦିର ନିର୍ମାଣ କରି ସେଥିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପ୍ରତିଷ୍ଠା କରିଥିଲେ । କିମ୍ବଦନ୍ତୀ ଅଛି ଯେ, ମହାରାଜା ଥରେ ଓଡ଼ିଶାର ଶ୍ରୀଜଗନ୍ନାଥକ୍ଷେତ୍ର ପୁରୀଧାମକୁ ଯାଇ ଜଗନ୍ନାଥ ଦର୍ଶନ କରିଥିଲେ । ସେ ପରମ ବିଷ୍ଣୁଭକ୍ତ ଥିବାରୁ ବାରିପଦାରେ ଜଗନ୍ନାଥ ମନ୍ଦିର (ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିର)- ୧୫୭୫ ମସିହାରେ ତୋଳାଇଥିଲେ ।

ଏହାଙ୍କର ଶାସନପ୍ରଣାଳୀ ଉତ୍ତମ ଥିବାରୁ ପ୍ରଜାମାନେ ସୁଖରେ ଦିନ କାଟୁଥିଲେ ଏବଂ ଅଧିକାଂଶ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିଲେ । ରସିକାନନ୍ଦ ଦେବ ଗୋସ୍ୱାମୀ ଏହାଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ । ୧୬୫୫ ଖ୍ରୀ.ଅ.ରେ ଲିଖିତ ରସିକମଙ୍ଗଳ ନାମକ ଗ୍ରନ୍ଥରୁ ଦେଖାଯାଏ ଯେ, ମୁସଲମାନମାନେ ସେତେ ବେଳେ ଓଡ଼ିଶାରେ ରାଜପଣ କରୁଥିଲେ । ରସିକାନନ୍ଦ ଦେବ ଆହୁରି ମଧ୍ୟ ଲେଖି ଅଛନ୍ତି ଯେ, ମହାରାଜା ବୈଦ୍ୟନାଥ ଭଞ୍ଜଙ୍କ ସଭାରେ ପଣ୍ଡିତ ଓ ବିଦ୍ୱାନ୍ ଲୋକ ଥିଲେ । ସେମାନେ ସେଠାରେ ବେଦ ଓ ଭାଗବତ ଆଲୋଚନା କରିଥିଲେ । ଏହି ସମୟରେ ଅହମ୍ମଦ ବେଗ୍ ନାମରେ ଜଣେ ମୁସଲମାନ ଓଡ଼ିଶା ଆକ୍ରମଣ କରି ଘର ଦ୍ୱାର ପୋଡ଼ି ପକାଇଲା ଓ ଲୁଟପାଟ କରିଥିଲା ।

ମହାରାଜା ବୈଦ୍ୟନାଥ ଭଞ୍ଜ ୧୬୩୦ ଖ୍ରୀ.ଅ. ପୂର୍ବରୁ ପ୍ରାଣତ୍ୟାଗ କରିଥିଲେ । ମହାରାଜା ହରିହର ଭଞ୍ଜ ଦେବ ଏହାଙ୍କର ପୁତ୍ର ।

❑❑❑

Digitized by PPRACHIN, SOA

୭ମ ପାଠ

ମହାରାଜା ହରିହର ଭଞ୍ଜ ଦେବ

ମହାରାଜା ବୈଦ୍ୟନାଥ ଭଞ୍ଜ ଦେବଙ୍କ ପରେ ମହାରାଜା ହରିହର ଭଞ୍ଜ ଦେବ ସିଂହାସନରେ ବସିଥିଲେ । ସେ ଅତ୍ୟନ୍ତ ପରାକ୍ରମୀ ଥିଲେ । ସେ ବାରିପଦାରୁ ହରିହରପୁର (ହରିପୁର)କୁ ରାଜଧାନୀ ଉଠାଇ ନେଇଥିଲେ । ମହାରାଜା କୃଷ୍ଣ ଭଞ୍ଜ ଦେବ ଏହାଙ୍କର ପୁତ୍ର ।

ମହାରାଜା କୃଷ୍ଣ ଭଞ୍ଜ ଦେବ

ମୋଗଲ ସମ୍ରାଟ ସାହାଜାହାନ ଦିଲ୍ଲୀରେ ରାଜତ୍ୱ କରୁଥିବା ସମୟରେ ୧୬୫୭ ଖ୍ରୀଷ୍ଟାବ୍ଦରେ କୃଷ୍ଣ ଭଞ୍ଜ ଦେବ ମୟୂରଭଞ୍ଜର ମହାରାଜା ଥିଲେ ।

ଏହି ମହାରାଜାଙ୍କର ୧୦୦୦ ଅଶ୍ୱ, ୧୦୦୦୦ ପଦାତିକ ଓ ଅନେକ ସାମନ୍ତ ରାଜା ଥିଲେ । ସେତେବେଳେ ମୟୂରଭଞ୍ଜ ମେଦିନୀପୁର ଠାରୁ ଭଦ୍ରଖ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ହରିହରପୁର ମୟୂରଭଞ୍ଜ ରାଜଧାନୀ ଥିଲା ।

ଓଡ଼ିଶା ମୋଗଲ ସମ୍ରାଟଙ୍କ ଦ୍ୱାରା ସେତେବେଳେ ଶିଥିଳ ଭାବରେ ଶାସିତ ହେଉଥିଲା । ସେଥିପାଇଁ ମୋଗଲ ସମ୍ରାଟ ଆଓରଙ୍ଗଜେବ ଓଡ଼ିଶା ପୁନଃ ଅଧିକାର କରିବା ପାଇଁ ଖାନ୍-ଇ-ଦଉରାନ (ଖାନ୍-ଇ-ଦୁରାନ୍)କୁ ଗଭର୍ଣ୍ଣର ନିଯୁକ୍ତ କରିଥିଲେ । ଖାନ୍-ଇ-ଦଉରାନ ୧୬୬୦ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ଶେଷ ଭାଗରେ ଓଡ଼ିଶା ପୁନଃ ଅଧିକାର କରିବା ପାଇଁ ଆସିଥିଲେ । ମହାରାଜା କୃଷ୍ଣ ଭଞ୍ଜ ଦୁରାନଙ୍କୁ ଭେଟିବା ପାଇଁ ଜଳେଶ୍ୱର ପର୍ଯ୍ୟନ୍ତ ଯାଇଥିଲେ । ଖାଁ-ଇ-ଦୁରାନ ଓ ମହାରାଜାଙ୍କର ସେଠାରେ ଭେଟ ହେଲା । ମହାରାଜାଙ୍କ ସହିତ ନରସିଂହପୁରର ଉଦଣ୍ଡ ଜମିଦାର, ଧଳଭୂମ୍ ଅନ୍ତର୍ଗତ ଘାଟଶୀଳାର ଜମିଦାର ଚିତ୍ରେଶ୍ୱର ଧଳ ଏବଂ ନୀଳଗିରିର ହରିଚନ୍ଦନ ଜମିଦାର ମଧ୍ୟ ଯୋଗ ଦେଇଥିଲେ । ଖାଁ-ଇ-ଦୁରାନଙ୍କ ସହିତ ରାଜନୈତିକ ସମ୍ପର୍କରେ ମହାରାଜାଙ୍କର କଥାବାର୍ତ୍ତା ହେଲା ବେଳେ ଦୁରାନ୍ କୌଶଳରେ ମହାରାଜାଙ୍କୁ ହତ୍ୟା କଲେ । ଏଥିରେ ନୀଳଗିରି, ଧଳଭୂମ ଓ ନରସିଂହପୁରର ଜମିଦାରମାନେ ଦୁରାନଙ୍କର ଶରଣ ପଶିଲେ ଏବଂ ଅନେକ ସୈନ୍ୟ ପ୍ରାଣତ୍ୟାଗ କଲେ ।

Digitized by PPRACHIN, SOA

ରସିକମଙ୍ଗଳ ନାମକ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ଯେ, ମହାରାଜା କୃଷ୍ଣ ଭଞ୍ଜ ଦେବ ଶ୍ୟାମାନନ୍ଦଙ୍କୁ ପୂଜା କରୁଥିଲେ । ସେ ସମୟରେ ରାଜ୍ୟ ମଧ୍ୟରେ ସମସ୍ତେ କୃଷ୍ଣପୂଜା କରି ମହୋତ୍ସବ କରୁଥିଲେ । ପରୀକ୍ଷିତ, ଅମ୍ବରୀଷ ଓ ସନକ ପ୍ରଭୃତି ମହାତ୍ମାମାନଙ୍କ ପରି ମହାରାଜା ପ୍ରସିଦ୍ଧି ଲାଭ କରିଥିଲେ । ସେ ମହାପ୍ରତାପୀ ରାଜା ଥିଲେ । ସେଥିପାଇଁ ଅନ୍ୟାନ୍ୟ ବୈରୀ ରାଜାମାନେ ଏହାଙ୍କର ବଶ୍ୟତା ସ୍ୱୀକାର କରି ତାଙ୍କର ଭକ୍ତି କାର୍ଯ୍ୟ କରୁଥିଲେ । ସେ ହରିହରପୁରରେ ଲକ୍ଷ୍ମୀନାରାୟଣ (ପ୍ରଚଳିତ ରସିକରାୟ)ଙ୍କର ମନ୍ଦିର ନିର୍ମାଣ କରିଥିବାର ଅନୁମାନ କରାଯାଏ ।

୧୬୬୦ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ ମହାରାଜାଙ୍କର ମୃତ୍ୟୁ ହୋଇଥିଲା । ସେ ବାରିପଦାରେ ଅନେକ କୀର୍ତ୍ତି ସ୍ଥାପନ କରି ହରିବଲ୍ଲ ଦେବଙ୍କୁ ପୂଜା କରୁଥିଲେ ।

ଉତ୍ତର ଓଡ଼ିଶାରେ ମହାରାଜା କୃଷ୍ଣ ଭଞ୍ଜଙ୍କ ପରି ଅନ୍ୟ କେହି ପ୍ରତାପଶାଳୀ ରାଜା ନ ଥିଲେ । ଅନ୍ୟ ରାଜାମାନେ ତାଙ୍କର ସାମନ୍ତ ରାଜା ଥିଲେ ।

❑❑❑

Digitized by PPRACHIN, SOA

୮ମ ପାଠ

ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ ପ୍ରଥମ

(୧୬୬୦-୧୬୮୮)

ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ

ମହାରାଜା ସର୍ବେଶ୍ୱର ଭଞ୍ଜଦେବ (୧୬୮୮-୧୭୧୧)	ଜଗଦୀଶ୍ୱର ଭଞ୍ଜ ଦେବ	ଦିଲ୍ଲିପେଶ୍ୱର ଭଞ୍ଜ ଦେବ
ମହାରାଜା ବୀରବିକ୍ରମାଦିତ୍ୟ ଭଞ୍ଜ ଦେବ (୧୭୧୧-୧୭୨୮)	ବିଶ୍ୱେଶ୍ୱର ଭଞ୍ଜ ଦେବ	ମହାରାଜା ଚକ୍ରଧର ଭଞ୍ଜଦେବ (୧୭୫୦-୧୭୬୧)
ମହାରାଜା ରଘୁନାଥ ଭଞ୍ଜ ଦେବ (୧୭୨୮-୧୭୫୦)		

ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ ୨୮ ବର୍ଷ ରାଜତ୍ୱ କରିଥିଲେ । ତାଙ୍କର ତିନି ପୁତ୍ର ଥିଲେ । ଟୀକାୟତ ସର୍ବେଶ୍ୱର ଭଞ୍ଜ, ଛୋଟରାୟ ଜଗଦୀଶ୍ୱର ଭଞ୍ଜ ଏବଂ ରାଉତରାୟ ଦୀଲ୍ଲିପେଶ୍ବର ଭଞ୍ଜ ।

ଏହି ମହାରାଜା ତାଙ୍କ ଅମଳରେ ୧୦୯୩ ସାଲରେ କେଶରୀପୁରର ଗୋସ୍ୱାମୀ ବଂଶକୁ ଗୋଟିଏ ସନନ୍ଦ ଦେଇଥିଲେ । ତାହା ବର୍ତ୍ତମାନ ଗୋସ୍ୱାମୀଙ୍କ ଘରେ ଅଛି ।

ବାଓରି ସାହେବଙ୍କ ଭ୍ରମଣବୃତ୍ତାନ୍ତରେ ଦେଖାଯାଏ ଯେ, ମହାରାଜା ତ୍ରିବିକ୍ରମ ଭଞ୍ଜଙ୍କ ରାଜ୍ୟରେ ଉତ୍କୃଷ୍ଟ ଟସର ମିଳୁଥିଲା । ତାହା ବିଲାତରେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । କେବଳ ମୟୂରଭଞ୍ଜର ଟସର ପାଇଁ ବାଲେଶ୍ୱରରେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କର କଳ କାରଖାନା ବସିଥିଲା ।

ମହାରାଜା ଉଚ୍ଚଧରଣର ସାହିତ୍ୟିକ ଥିଲେ । ସେ କନକଲତା ନାମରେ ଗୋଟିଏ ପ୍ରାଚୀନ ଓଡ଼ିଆ କାବ୍ୟ ରଚନା କରିଥିଲେ । ୧୬୮୮ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।

❑❑❑

Digitized by PPRACHIN, SOA

୯ମ ପାଠ

ମହାରାଜା ସର୍ବେଶ୍ୱର ଭଞ୍ଜ ଦେବ

(୧୬୮୮-୧୭୧୧)

ମହାରାଜା ସର୍ବେଶ୍ୱର ଭଞ୍ଜ ଦେବ ୧୬୮୮ ଖ୍ରୀ.ଅ.ରେ ସିଂହାସନ ଆରୋହଣ କରି ରାଜ୍ୟରେ ବ୍ରାହ୍ମଣମାନଙ୍କୁ ଭୂମି ଦାନ କରିଥିଲେ । ଟୀକାୟତ ବୀରବିକ୍ରମାଦିତ୍ୟ ଭଞ୍ଜ ଦେବ ତାଙ୍କର ପୁତ୍ର । ସେ ଅନେକଙ୍କୁ ସନନ୍ଦ ଦେଇଥିଲେ ଏବଂ ସିଂହାସନରେ ବସିବାର ଅଳ୍ପଦିନ ପରେ ବାରିପଦାର ରାଧାମୋହନ ମନ୍ଦିର ପ୍ରତିଷ୍ଠା କରିଥିଲେ । ତେଣୁ ମନେ ହୁଏ ଯେ, ତାଙ୍କ ପିତା ମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ।

ଏହାଙ୍କ ରାଜତ୍ୱ ସମୟରେ ମୋଗଲ ସମ୍ରାଟ ଆଓରଙ୍ଗଜେବ ଓଡ଼ିଶାର ତିନି ସରକାର ଜଳେଶ୍ୱର, ଭଦ୍ରଖ ଓ କଟକକୁ ୧୨ଗୋଟି ସରକାରରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସରକାରରୁ ଆଦାୟ ହେଉଥିବା ରାଜସ୍ୱର ପରିମାଣ ଉଲ୍ଲେଖ ଥିଲା । ତାହା ଛଡ଼ା ଆହୁରି ୩୨ ଗୋଟି ମାହାଲରୁ ୮୭୩୫୧୮ ଟଙ୍କା କର ସ୍ୱରୂପ ମିଳୁଥିଲା । ଏହି ଟଙ୍କା ମୋଗଲ ସମ୍ରାଟଙ୍କ ସାମନ୍ତ ରାଜାମାନେ ଦେଉଥିଲେ । ତହିଁରୁ ଜଣାଯାଏ ଯେ, ଖୋରଧା ମହାରାଜା ୧୧ଟି ମାହାଲ ପାଇଁ ସର୍ବୋପେକ୍ଷା ଅଧିକ ଟଙ୍କା ଦେଉଥିଲେ । ମାତ୍ର ମୟୂରଭଞ୍ଜ ମହାରାଜା ସର୍ବେଶ୍ୱର ଭଞ୍ଜ ଦେବ ଦୁଇଟି ମାହାଲ ପାଇଁ ଯାହା କର ଦେଉଥିଲେ, ଅବଶିଷ୍ଟ ୧୨ଜଣ କରଦ ରାଜା ସେତେ ଦେଉ ନ ଥିଲେ । ତେଣୁ ସେ ସମୟରେ ମୟୂରଭଞ୍ଜ ମଧ୍ୟ ଆୟତନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ମହାରାଜା ପରମ ବୈଷ୍ଣବ ଥିଲେ । ତାଙ୍କର ୧୭୧୧ ଖ୍ରୀ.ଅ.ରେ ମୃତ୍ୟୁ ହୋଇଥିଲା ।

ମହାରାଜା ବୀରବିକ୍ରମାଦିତ୍ୟ ଭଞ୍ଜଦେବ (୧୭୧୧-୧୭୨୮)

ମହାରାଜା ବୀରବିକ୍ରମାଦିତ୍ୟ ଭଞ୍ଜଦେବ ପିତାଙ୍କ ମୃତ୍ୟୁ ପରେ ସିଂହାସନରେ ବସିଲେ । ସେ ମୋଗଲ ସମ୍ରାଟଙ୍କ ପାଖରୁ ୧୭୨୫ରେ ଗୋଟିଏ ନୂତନ ଫରମାନ (ହୁକୁମନାମା)ପାଇଥିଲେ ।

ରଘୁନାଥ ଭଞ୍ଜ ଦେବ ଏହାଙ୍କର ପୁତ୍ର । ମହାରାଜା ବ୍ରାହ୍ମଣମାନଙ୍କୁ ବ୍ରହ୍ମୋତ୍ତର ଭୂମି ଦାନ କରିଥିଲେ । ୧୭୨୮ ଖ୍ରୀ.ଅ.ର ବୈଶାଖ ମାସ କୃଷ୍ଣ ଦ୍ୱିତୀୟାରେ ତାଙ୍କର ମୃତ୍ୟୁ ହୋଇଥିଲା ।

❑❑❑

Digitized by PPRACHIN, SOA

୧୦ମ ପାଠ

ମହାରାଜା ରଘୁନାଥ ଭଞ୍ଜ ଦେବ

(୧୭୨୮-୧୭୫୦)

ମହାରାଜା ବୀରବିକ୍ରମାଦିତ୍ୟ ଭଞ୍ଜ ଦେବଙ୍କ ମୃତ୍ୟୁ ପରେ ମହାରାଜା ରଘୁନାଥ ଭଞ୍ଜ ଦେବ ୬ ମାସ ମାତ୍ର ବୟସରେ ସିଂହାସନରେ ବସିଥିଲେ । ତେଣୁ ସେତେବେଳେ ତାଙ୍କର ଗୋସାଇଁ ମାଆ ରାଜ୍ୟ କଥା ବୁଝୁଥିଲେ । ଏହି ମହାରାଜା ୨୨ବର୍ଷ ରାଜତ୍ୱ କରିଥିଲେ । ହରିହରପୁର (ହରିପୁର) ଏହାଙ୍କର ରାଜଧାନୀ ଥିଲା । ସେ ଜାକଜମକରେ ସମ୍ବଲପୁରରୁ ବିବାହ କରିଥିଲେ । ବିବାହ କରି ଫେରିଲା ବେଳେ ବାଟରେ ମରହଟ୍ଟାମାନେ ତାଙ୍କ ସହିତ ଗୋଳମାଳ କରିଥିଲେ । ସେ ଦୁଃଖୀ ଲୋକମାନଙ୍କୁ ଧନରତ୍ନ ଦାନ କରିଥିଲେ ଏବଂ ଧାର୍ମିକ ଥିଲେ ।

ସେତେ ବେଳେ ଆଲିବର୍ଦ୍ଦିଖାଁ ପାଟନାର ନାଏବ ନାଜିମ ଥିଲେ । ୧୭୩୯ ଖ୍ରୀ.ଅ.ରେ ସେ ବଙ୍ଗର ନବାବ ସରଫରଜଖାଁଙ୍କୁ କୌଶଳରେ ହତ୍ୟା କରି ଆପଣାକୁ ବଙ୍ଗ, ବିହାର ଓ ଓଡ଼ିଶାର ନବାବ ବୋଲି ଘୋଷଣା କଲେ । କଟକରେ ସେତେବେଳେ ପୂର୍ବ ନବାବ ବଂଶର ମୁର୍ଶିଦକୁଲିଖାଁ ନାମରେ ଜଣେ ନାଏବ ନାଜିମ ଥିଲେ । ସେ ଆଲିବର୍ଦ୍ଦିଖାଁଙ୍କର ଅଧୀନତା ସ୍ୱୀକାର କରିବାକୁ ନାରାଜ ହେବାରୁ ଆଲିବର୍ଦ୍ଦିଖାଁ ତାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ । ଆଲିବର୍ଦ୍ଦିଖାଁ ମେଦିନୀପୁରରେ ପହଞ୍ଚି ବଶୀଭୂତ ରାଜା ଓ ଜମିଦାରମାନଙ୍କୁ ଖିଲାତ୍ ଦେଇଥିଲେ ଏବଂ ମୟୂରଭଞ୍ଜ ତତ୍କାଳୀନ ମହାରାଜାଙ୍କୁ ଓଡ଼ିଶା ଅଭିଯାନରେ ସାହାଯ୍ୟ କରିବା ଲାଗି ଅନୁରୋଧ କଲେ । କିନ୍ତୁ ମୟୂରଭଞ୍ଜର ମହାରାଜା ବଙ୍ଗ ନବାବଙ୍କୁ ପ୍ରବଳ ଜାଣି ସୁଦ୍ଧା, ଓଡ଼ିଶାର ଦୁର୍ବଳ ନାଏବ ନାଜିମଙ୍କର ପକ୍ଷ ନ୍ୟାୟତଃ ଗ୍ରହଣ କରିଥିଲେ । ଏଥିପାଇଁ ରାଜଘାଟ ଠାରେ ମୟୂରଭଞ୍ଜ ସୈନ୍ୟଙ୍କ ସହିତ ଆଲିବର୍ଦ୍ଦିଖାଁଙ୍କ ସୈନ୍ୟମାନଙ୍କର ୧୭୪୦ ଖ୍ରୀ.ଅ.ରେ ତୁମୁଳ ଯୁଦ୍ଧ ହୋଇଥିଲା । ଏଥିରେ ମୟୂରଭଞ୍ଜର ସୈନ୍ୟମାନେ ପରାଜିତ ହୋଇଥିଲେ ।

ଆଲିବର୍ଦ୍ଦିଖାଁ ମୁର୍ଶିଦକୁଲିଖାଁଙ୍କୁ ପରାସ୍ତ କରି ନିଜର ପୁତ୍ରରା ସଉଲତଜଙ୍ଗଙ୍କୁ ଓଡ଼ିଶାର ନାଏବ ନାଜିମ ପଦରେ ନିଯୁକ୍ତ କଲେ । କିନ୍ତୁ ଅଳ୍ପ ଦିନ ପରେ ସଉଲତଜଙ୍ଗ ମୁର୍ଶିଦକୁଲିଖାଁଙ୍କ ଜୁଆଇଁ ବକିରଖାଁଙ୍କ ଦ୍ୱାରା ପରାସ୍ତ ହୋଇ ବହିଷ୍କୃତ ହେଲେ ।

ମହାରାଜା ରଘୁନାଥ ଭଞ୍ଜ ଦେବ ସଉଲତଜଙ୍ଗଙ୍କ ବିରୁଦ୍ଧରେ ବକିରଖାଁଙ୍କୁ ସାହାଯ୍ୟ

Digitized by PPRACHIN, SOA

କରିଥିବାର ଆଲିବର୍ଦ୍ଦିଖାଁଙ୍କର ସନ୍ଦେହ ହୋଇଥିଲା । ତେଣୁ ସେ ଓଡ଼ିଶାକୁ ଆସି ସଉଲତଜଙ୍ଗକୁ ନିଜ ପଦରେ ପ୍ରତିଷ୍ଠିତ କରି ଫେରିଲା ବେଳେ ଦାଉ ସାଧିବା ପାଇଁ ମୟୂରଭଞ୍ଜକୁ ଆସିଥିଲେ ।

ସେ ମୟୂରଭଞ୍ଜ ଆକ୍ରମଣ କରି ପ୍ରଜାମାନଙ୍କୁ ନିର୍ଦ୍ଦୟ ଭାବରେ ହାଣି ପକାଇଲେ ଏବଂ ସେମାନଙ୍କର ଘର ଦ୍ୱାର ପୋଡ଼ିଦେଲେ । ଏହା ଦେଖି ମହାରାଜା ଶିମିଳିପାଳ ପାହାଡ଼ ଭିତରକୁ ପଳାଇଗଲେ । ଆଲିବର୍ଦ୍ଦିଖାଁ ମୟୂରଭଞ୍ଜର ଅନ୍ୟ କୌଣସି କ୍ଷତି କରିବା ପୂର୍ବରୁ ବଙ୍ଗଦେଶରେ ମରହଟ୍ଟାମାନଙ୍କର ଅତ୍ୟାଚାର ଓ ଆକ୍ରମଣ ଶୁଣି ବାଧ୍ୟ ହୋଇ ନିଜ ରାଜ୍ୟକୁ ଫେରି ଯାଇଥିଲେ । ଏହି ଯୁଦ୍ଧ ହରିହରପୁର ଠାରେ ହୋଇଥିଲା । ସେହି ଯୁଦ୍ଧରେ ମହାରାଜାଙ୍କର ଜେଜେ ବକା ଜଗଦୀଶ୍ୱର ଭଞ୍ଜ ଦେବ ଆଲିବର୍ଦ୍ଦିଖାଁଙ୍କ ସହିତ ଯୁଦ୍ଧ କରି ୧୭୪୧ ଖ୍ରୀ.ଅ.ରେ ପ୍ରାଣତ୍ୟାଗ କରିଥିଲେ ।

୧୭୫୦ ଖ୍ରୀ.ଅ.ରେ ମହାରାଜାଙ୍କର ମୃତ୍ୟୁ ହୋଇଥିଲା । ସେ ନିଃସନ୍ତାନ ଥିଲେ । ମହାରାଜା ନିଜ ଜୀବନରେ ଯେଉଁ ଉଚ୍ଚ ସାହିତ୍ୟ ଚର୍ଚ୍ଚା କରିଥିଲେ, ତାହାର ନମୁନାସ୍ୱରୂପ ରସଲହରୀ କାବ୍ୟ ଅଦ୍ୟାପି ରହିଅଛି । କାବ୍ୟର ଉପସଂହାରରେ ମହାରାଜା ନିଜ ବଂଶର ପରିଚୟ ଏହିପରି ଦେଇଅଛନ୍ତି-

"ଉତ୍କଳ ମଧ୍ୟଦେଶର ହରିହରପୁରବର
ମଧ୍ୟରେ ଅବନୀଶ୍ୱର ସେ ଭଞ୍ଜବର ଏ ।
କୃଷ୍ଣ ଭଞ୍ଜ ନୃପ ନାମ ତାଙ୍କ ପୁତ୍ର ତ୍ରିବିକ୍ରମ
ପରାକ୍ରମେ ତ୍ରିବିକ୍ରମ ସେ ଅନୁପମ ଏ ।
ତାଙ୍କ ସୁତ ସର୍ବେଶ୍ୱର ବିଷ୍ଣୁଭକ୍ତ ମଧ୍ୟେ ସାର
ସେ ବୀରବିକ୍ରମତାତ ତାହାଙ୍କ ସୁତ ଏ ।
ତାକୁ ଅଙ୍ଗଦେ ଶୋଭିତ କାଳିକାକାନ୍ତ ପୂଜିତ
ସତ୍ୟଭାମାରେ ସଂଯୁତ ଅତି ରାଜିତ ଏ ।
ରାମକୃଷ୍ଣ ପଦକଞ୍ଜ ଭାବି ରଘୁନାଥ ଭଞ୍ଜ
ନୃପ ଛାନ୍ଦ ତ୍ରୟୋଦଶ କଲେକ ଶେଷ ଏ ।"

❑❑❑

Digitized by PPRACHIN, SOA

୧୧ଶ ପାଠ

ମହାରାଜା ଚକ୍ରଧର ଭଞ୍ଜ ଦେବ
(୧୭୫୧-୧୭୬୧)

ମହାରାଜା ରଘୁନାଥ ଭଞ୍ଜ ଦେବଙ୍କ ପରେ ତାଙ୍କ ଖୁଡ଼ୁତା ମହାରାଜା ଚକ୍ରଧର ଭଞ୍ଜ ଦେବ ସିଂହାସନରେ ବସିଲେ । ତାଙ୍କ ରାଜତ୍ୱ ଆରମ୍ଭରେ ଆଲିବର୍ଦ୍ଦିଖାଁ ମେଦିନୀପୁର ଅଞ୍ଚଳ ବ୍ୟତୀତ ଓଡ଼ିଶାକୁ ବଙ୍ଗ,ବିହାର ଓ ଓଡ଼ିଶାର ଚଉଥ ଦେବା ପରିବର୍ତ୍ତରେ ମରହଟ୍ଟାମାନଙ୍କୁ ଛାଡ଼ି ଦେଇଥିଲେ । ୧୭୬୦ ଖ୍ରୀ.ଅ. ସେପ୍ଟେମ୍ବର ୨୭ ତାରିଖରେ ଇଂରେଜମାନଙ୍କ ସହିତ ବଙ୍ଗଳାର ନବାବ ମିର୍ କାଶିମ୍ ଆଲିଖାଁଙ୍କର ଯେଉଁ ସନ୍ଧି ହୋଇଥିଲା, ତାହାରି ଫଳରେ ଇଂରେଜମାନେ ମେଦିନୀପୁର ପାଇଲେ ।

ମହାରାଜା ସିଂହାସନରେ ବସିଲାରୁ ରାଜ୍ୟରେ ଅନ୍ତର୍ବିବାଦ ଘଟିଲା ମରହଟ୍ଟାମାନେ ଓଡ଼ିଶା ଅଧିକାର ଓ ନିଜର କ୍ଷମତା ବଢ଼ାଇବା ପାଇଁ ଓଡ଼ିଶାରେ ସର୍ବତ୍ର ଲୁଟପାଟ କଲେ । ଏହି ଭୟରେ ଓଡ଼ିଶାର ଅନେକ ରାଜା ତାଙ୍କର ବଶ୍ୟତା ସ୍ୱୀକାର କଲେ । ମାତ୍ର ମୟୂରଭଞ୍ଜ ମରହଟ୍ଟାମାନଙ୍କର ବଶ୍ୟତା ସ୍ୱୀକାର କରିବା ଦୂରେ ଥାଉ, କର ସୁଦ୍ଧା ଦେବା ପାଇଁ ରାଜି ନ ଥିଲା । ଏଣୁ ମରହଟ୍ଟାମାନେ ସମୟ ସମୟରେ କର ଆଦାୟ କରିବା ଛଳନାରେ ଆସି ରାଜ୍ୟ ଲୁଟପାଟ କରୁଥିଲେ । କେବେ କେବେ ମରହଟ୍ଟାମାନେ ରାଜ୍ୟ ଆକ୍ରମଣ କରି ପରାସ୍ତ ହେଉଥିଲେ । ଏଥି ସକାଶେ ମହାରାଜା ଚକ୍ରଧର ଭଞ୍ଜ ଦେବ ସୁଖରେ ରାଜ୍ୟ ଶାସନ କରିଥିବାର ଜଣାଯାଏ ନାହିଁ । ସେ ୧୭୬୧ ଖ୍ରୀ.ଅ.ରେ ପ୍ରାଣତ୍ୟାଗ କଲେ । ମହାରାଜା ଦାମୋଦର ଭଞ୍ଜ ଦେବ ଏହାଙ୍କର ପୁତ୍ର ।

❑❑❑

Digitized by PPRACHIN, SOA

୧୨ଶ ପାଠ

ମହାରାଜା ଦାମୋଦର ଭଞ୍ଜ ଦେବ

(୧୭୬୧-୧୭୯୬)

ମହାରାଜା ଚକ୍ରଧର ଭଞ୍ଜ ଦେବଙ୍କ ପରେ ମହାରାଜା ଦାମୋଦର ଭଞ୍ଜ ଦେବ ୧୭୬୧ ଖ୍ରୀ.ଅ.ରୁ ରାଜତ୍ୱ କଲେ । ସେ ଇଂରେଜ ଗଭର୍ଣ୍ଣର ହେରୀ ଭନ୍‌ସିଟାର୍ଟଙ୍କ ସହିତ ରାଜନୈତିକ ବନ୍ଧୁତ୍ୱ ସ୍ଥାପନ କଲେ ।

୧୭୬୫ ଖ୍ରୀ.ଅ.ରେ ମରହଟ୍ଟାମାନଙ୍କ ସହିତ ମହାରାଜାଙ୍କର ଯୁଦ୍ଧ ହେବାରୁ ରାଜ୍ୟର ବହୁତ କ୍ଷତି ହୋଇଥିଲା । ଏହିପରି ମରହଟ୍ଟାମାନେ ବାରମ୍ବାର ଯୁଦ୍ଧ ଓ ଲୁଟପାଟ କରିବାରୁ ପ୍ରଜାମାନେ ଅତ୍ୟନ୍ତ କଷ୍ଟ ପାଇଥିଲେ । ତେଣୁ ମହାରାଜା ଗୋଟିଏ ସ୍ଥାନରେ କିଛି ଦିନ ରହି ପାରୁ ନ ଥିଲେ । ଭବାନୀ ପଣ୍ଡିତ ଓ ଭାସ୍କର ପଣ୍ଡିତ ମରହଟ୍ଟାମାନଙ୍କ ସେନାପତି ଥିଲେ ।

ଦାଶରଥି ଭଞ୍ଜ ଦେବ କୁଚକ୍ରୀ ଥିବାରୁ ତାଙ୍କ ପୁତୁରା ମହାରାଜା ଦାମୋଦର ଭଞ୍ଜ ଦେବଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ନୀଳଗିରି ପଳାୟନ କଲେ । ସେଠାରେ ସେ ମୟୂରଭଞ୍ଜର ସୈନ୍ୟାଧ୍ୟକ୍ଷ ଜିହାନ ମହମ୍ମଦଙ୍କ ସହିତ ମିଶି ମରହଟ୍ଟା ଗଭର୍ଣ୍ଣର ଭବାନୀ ପଣ୍ଡିତଙ୍କ ନିକଟକୁ ଯାଇଥିଲେ । ଜିହାନ ମହମ୍ମଦ ମଧ୍ୟ ମହାରାଜାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ଏ ଦୁଇ ଜଣ ମୟୂରଭଞ୍ଜରୁ ଭବାନୀ ପଣ୍ଡିତଙ୍କୁ ଅଜସ୍ର ଧନରତ୍ନ ଦେବେ ବୋଲି ସ୍ୱୀକାର କରିବାରୁ, ଭବାନୀ ପଣ୍ଡିତ ବହୁତ ସୈନ୍ୟ ଘେନି ମୟୂରଭଞ୍ଜ ଆକ୍ରମଣ କଲେ । ପ୍ରଥମେ ସେମାନେ ଆସି ମାଣତ୍ରୀ,ଭୀମଦା ଓ ମାନଗୋବିନ୍ଦପୁରରେ ଥିବା ଗଡ଼ ନିକଟରେ ପହଞ୍ଚିଲେ ଏବଂ ଜିହାନ ମହମ୍ମଦ କୌଣସି ବଳ ପ୍ରୟୋଗ ନ କରି ତିନି ଗଡ଼ରେ ଥିବା ଖାଦ୍ୟ ସାମଗ୍ରୀ ମରହଟ୍ଟାମାନଙ୍କୁ ଦେଲେ । ମହାରାଜା ଏ ଦୁଇ ଜଣଙ୍କର କପଟତା ବୁଝି ପାରି ବ୍ରାହ୍ମଣଘାଟୀ ଚାଲିଗଲେ । ଏହି ଯୁଦ୍ଧ ୧୭୬୫ ଖ୍ରୀ.ଅ.ରେ ହୋଇଥିଲା । ମରହଟ୍ଟାମାନଙ୍କ ଦ୍ୱାରା ଯେଉଁ ରାଜ୍ୟ ଅଧିକୃତ ହୋଇଥିଲା ତାହାର ପୁନରାଧିକାର ମହାରାଜାଙ୍କ ଦ୍ୱାରା ପରେ ହୋଇଥିଲା ।

ମୋଟୀ ସାହେବଙ୍କ ବିବରଣୀ:- ମୋଟୀ ସାହେବ ୧୭୬୬ ଖ୍ରୀ.ଅ.ରେ ବାଲେଶ୍ୱର ପର୍ଯ୍ୟନ୍ତ ଭ୍ରମଣ କରିବାକୁ ଆସି ଲେଖିଛନ୍ତି:- "ନୀଳଗିରି ପ୍ରଥମେ ମୟୂରଭଞ୍ଜ ଅନ୍ତର୍ଭୁକ୍ତ ଥିଲା । ମୟୂରଭଞ୍ଜ ମହାରାଜାଙ୍କ ଠାରୁ ରକ୍ଷା ପାଇବାକୁ ଯାଇ ନୀଳଗିରି ରାଜା

Digitized by PPRACHIN, SOA

ମରହଟ୍ଟାମାନଙ୍କୁ ଟ.୩୦୦୦୦ କର ଦେଉଥିଲେ । ମୟୂରଭଞ୍ଜ ସମୁଦ୍ର ଠାରୁ ନୀଳଗିରି ପାହାଡ଼ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କିନ୍ତୁ ଅନେକ କରଦ ରାଜା ଓ ବାହାର ଶତ୍ରୁଙ୍କ ସାମୟିକ ଉପଦ୍ରବ ଓ ଗୋଳମାଳ ହେବାରୁ ମୟୂରଭଞ୍ଜ ଖଣ୍ଡ ଖଣ୍ଡ ହୋଇଗଲା । ଉକ୍ତ ଖଣ୍ଡଗୁଡ଼ିକ ତାଲୁକ ନାମରେ କଥିତ । ଏହିପରି ଭାବରେ ପ୍ରଥମେ ପିପିଲି ଓ ପରେ ବାଲେଶ୍ୱର ମୟୂରଭଞ୍ଜରୁ ବାହାରି ଯାଇଛି ।"

ଭବାନୀପଣ୍ଡିତ ତାଙ୍କ ପରେ ଶମ୍ଭୁଜୀ ଗଣେଶ ୧୭୬୮ ଖ୍ରୀ.ଅ.ରେ ମରହଟ୍ଟାମାନଙ୍କ ତରଫରୁ ଓଡ଼ିଶାର ଗଭର୍ଣ୍ଣର ହୋଇ ଆସିଲେ । ସେ ଇଷ୍ଟ ଇଣ୍ଡିଆ କମ୍ପାନୀ ଠାରୁ ବଙ୍ଗ ଓ ବିହାରର ଚଉଥ ଆଦାୟ କରିବା ନିମିତ୍ତ ଦାମୋଦର ଭଞ୍ଜଙ୍କର ସାହାଯ୍ୟ ମାଗିଥିଲେ । କିନ୍ତୁ ମହାରାଜା ଏଥିରେ ରାଜି ହୋଇ ନ ଥିଲେ । କାରଣ ଆଗରୁ ମହାରାଜାଙ୍କ ସହିତ ଇଂରେଜମାନଙ୍କର ସନ୍ଧି ହୋଇଥିଲା । ଏଥିପାଇଁ ଇଂରେଜମାନେ ମୟୂରଭଞ୍ଜ ରାଜବଂଶକୁ ସମ୍ମାନ ଦେଖାଇ ଆସୁଅଛନ୍ତି ।

ସେତେବେଳେ ଇଂରେଜମାନେ ମେଦିନୀପୁରରୁ ଖୁଚଙ୍ଗକୁ ଦଳେ ସୈନ୍ୟ ପଠାଇଥିଲେ । ଖୁଚଙ୍ଗ ଓ ବ୍ରାହ୍ମଣଘାଟୀରେ ମହାରାଜାଙ୍କର ଦୁଇ ଜଣ ଜମିଦାର ନିଯୁକ୍ତ ଥିଲେ । ଖୁଚଙ୍ଗ ଜମିଦାର ଇଂରେଜ ସୈନ୍ୟମାନଙ୍କୁ ହତ୍ୟା କରିବାରୁ ଇଂରେଜମାନେ ଖୁଚଙ୍ଗକୁ ସ୍ୱାଧୀନ ମୟୂରଭଞ୍ଜ ଅନ୍ତର୍ଗତ ଜାଣି ସେଥିରେ ହସ୍ତକ୍ଷେପ କଲେ ନାହିଁ ।

ମହାରାଜା ନିଃସନ୍ତାନ ଥିବାରୁ ତ୍ରିବିକ୍ରମ ଭଞ୍ଜ ଦେବଙ୍କୁ କେଉଁଝରରୁ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ତାଙ୍କର ୧୧ ଜଣ ମହାରାଣୀଙ୍କ ମଧ୍ୟରୁ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ ଓ ମହରାଣୀ ଯମୁନା ଦେବୀ ଭଞ୍ଜ ପ୍ରଧାନ ଥିଲେ । ମହାରାଜା ୧୭୯୬ ଖ୍ରୀ.ଅ. ଏପ୍ରିଲ ମାସରେ ପ୍ରାଣତ୍ୟାଗ କଲେ ।

❑❑❑

Digitized by PPRACHIN, SOA

୧୩ଶ ପାଠ

ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ
(୧୭୯୬- ୧୮୧୦)

ମହାରାଜା ଦାମୋଦର ଭଞ୍ଜ ଦେବଙ୍କ ମୃତ୍ୟୁ ପରେ ରାଜସିଂହାସନ ପାଇଁ ଭୟଙ୍କର ଗୋଳମାଳ ଉପସ୍ଥିତ ହେଲା । ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ ପୋଷ୍ୟପୁତ୍ର ତ୍ରିବିକ୍ରମ ଭଞ୍ଜ ଦେବଙ୍କୁ ସିଂହାସନରେ ବସାଇ ଦେଲେ ନାହିଁ । କିନ୍ତୁ ଅମାତ୍ୟମାନେ ତ୍ରିବିକ୍ରମ ଭଞ୍ଜ ଦେବଙ୍କୁ ସିଂହାସନରେ ବସାଇବାକୁ ଚେଷ୍ଟା କରୁଥିଲେ । ଶେଷରେ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ ସିଂହାସନରେ ବସିଲେ ।

ମହାରାଣୀ ସୁମିତ୍ରା ଦେବୀ ଓ ତ୍ରିବିକ୍ରମ ଭଞ୍ଜ ଦେବ ତତ୍‌କାଳୀନ ଇଂରେଜ ଗଭର୍ଣ୍ଣର ଜେନେରଲ ଲର୍ଡ ୱେଲ୍‌ସେଲିଙ୍କ ଅନୁରୋଧରେ ଇଂରେଜମାନଙ୍କୁ ୧୮୦୩ ଖ୍ରୀ.ଅ.ରେ ଓଡ଼ିଶା ଆକ୍ରମଣରେ ସାହାଯ୍ୟ କରିଥିଲେ । ଏଥିପାଇଁ ମୟୂରଭଞ୍ଜ ସହିତ ଗଭର୍ଣ୍ଣମେଣ୍ଟଙ୍କର ୧୮୦୩-୧୮୦୪ ମସିହା ମଧ୍ୟରେ କୌଣସି ସନ୍ଧି ହୋଇ ନଥିଲା ଏବଂ ୧୮୧୨ ଖ୍ରୀ.ଅ. ପର୍ଯ୍ୟନ୍ତ ମୟୂରଭଞ୍ଜ ଗଭର୍ଣ୍ଣମେଣ୍ଟକୁ କୌଣସି ପ୍ରକାର କର ଦେଇ ନ ଥିଲା । ଉଭୟଙ୍କ ମଧ୍ୟରେ ଗୋଳମାଳ ହେତୁ ଇଂରେଜ ଗଭର୍ଣ୍ଣମେଣ୍ଟ ମହାରାଣୀ ସୁମିତ୍ରା ଦେବୀ ଥାଉଁ ଥାଉଁ ତ୍ରିବିକ୍ରମ ଭଞ୍ଜ ଦେବ ସିଂହାସନରେ ବସିପାରିବେ ନାହିଁ ବୋଲି ସ୍ଥିର କରିଥିଲେ ।

୧୮୦୦-୧୮୦୨ ଖ୍ରୀ.ଅ. ମଧ୍ୟରେ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜ ସରାଇକଳାର କୁଅଁର ଅଭିରାମ ସିଂହଙ୍କୁ ଖୁଚଙ୍ଗର ଜମିଦାର ରୂପେ ନିଯୁକ୍ତ କରିଥିଲେ । ଖୁଚଙ୍ଗ ବର୍ତ୍ତମାନ ସରାଇକଳା ଅନ୍ତର୍ଭୁକ୍ତ ।

❑❑❑

Digitized by PPRACHIN, SOA

୧୪ଶ ପାଠ

ଭଞ୍ଜ ରାଜତ୍ୱରେ ହରିହରପୁର

ହରିହରପୁର (ହରିପୁର) ୩୦୦ ବର୍ଷ ପୂର୍ବରୁ ମୟୂରଭଞ୍ଜର ରାଜଧାନୀ ଓ ଧନଜନପୂର୍ଣ୍ଣ ନଗର ଥିଲା । କିନ୍ତୁ ୧୯ଶ ଶତାବ୍ଦୀରେ ମୁସଲମାନ ଓ ମରହଟ୍ଟାମାନଙ୍କର ବାରମ୍ବାର ଗୋଳମାଳ ଓ ଲୁଟପାଟ ହେତୁ ହରିହରପୁର ବିଧ୍ୱସ୍ତ ହୋଇଥିବାରୁ ରାଜଧାନୀ ପୁଣି ବାରିପଦା ଉଠି ଆସିଲା । ତତ୍‌ପୂର୍ବରୁ ବାରିପଦାରେ ଗୋଟିଏ ଗଡ଼ ଥିଲା ।

୧୫୬୮ ଖ୍ରୀ.ଅ.ରେ କଳାପାହାଡ଼ ଓଡ଼ିଶା ଆକ୍ରମଣ କଲା ବେଳେ ମୟୂରଭଞ୍ଜ ମଧ୍ୟ ଦେଇ ଯାଇଥିଲେ । ନୀଳକଣ୍ଠ ଭଞ୍ଜ ଦେବ ସେତେବେଳେ ମହାରାଜା ଥିଲେ ।

ହରିପୁର ଗଡ଼ ମଧ୍ୟରେ ରସିକରାୟ,ଜଗନ୍ନାଥ ଓ ରାଧାମୋହନଙ୍କର ମନ୍ଦିର ଥିଲା । ରସିକରାୟଙ୍କ ମନ୍ଦିରର ଇଟାଗୁଡ଼ିକ ନକ୍ସାରେ ତିଆରି । ବର୍ତ୍ତମାନ ସେହି ଭଙ୍ଗା ମନ୍ଦିର ହରିପୁରରେ ଦେଖାଯାଏ ଓ ତାହାର ଶିଳ୍ପକାର୍ଯ୍ୟ ଭଞ୍ଜ ମହାରାଜାଙ୍କର କୀର୍ତ୍ତିର ପରିଚୟ ଦିଏ । ମନ୍ଦିରର ସ୍ତମ୍ଭଗୁଡ଼ିକ ଭାଙ୍ଗିଯାଇଛି । ଏପରି କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ଓଡ଼ିଶା ମଧ୍ୟରେ ନାହିଁ କହିଲେ ଚଳେ ।

ହରିପୁର ନଗରକୁ ୧୭୪୦-୪୧ରେ ବଙ୍ଗ ନବାବଙ୍କ ସୈନ୍ୟମାନେ ଲୁଟପାଟ କରିଥିଲେ । ଦାମୋଦର ଭଞ୍ଜ ଦେବ ଓ ସୁମିତ୍ରା ଦେବୀ ଭଞ୍ଜଙ୍କ ଶାସନ କାଳରେ ମରହଟ୍ଟାମାନେ ଅନେକଥର ହରିପୁର ଆକ୍ରମଣ ଓ ଲୁଟପାଟ କରି ସୁନ୍ଦର ରାଜଭବନଟିକୁ ନଷ୍ଟ କରି ଦେଇଥିଲେ ।

ବର୍ତ୍ତମାନ ହରିପୁର ଗ୍ରାମର ଚାରିପାଖରେ ଇଟାଗଦା ଓ ଭଙ୍ଗା ଘର ଦେଖାଯାଏ । ପୁରାତନ ଗଡ଼ର ଚାରିପାଖରେ ପାଚେରୀ ଥିଲା । ରାଜବାଟୀ ଭିତରର ପକ୍କା କୋଠରୀଗୁଡ଼ିକ ଭାଙ୍ଗି ପଡ଼ିଛି । ପୂର୍ବ ପାଖ ପକ୍କା ବାରନ୍ଦା ବର୍ତ୍ତମାନ ଦେଖାଯାଏ । ୫ ଫୁଟ ଉଚ୍ଚର ଭଙ୍ଗା କାନ୍ଥ ମଧ୍ୟ ବର୍ତ୍ତମାନ ଅଛି । ରାଜବାଟୀ ମଧ୍ୟରେ ଦୁଇଗୋଟି ପକ୍କା କୂଅ ଓ ଗୋଟିଏ ବାମ୍ପୀ ଥିଲା, ସେଗୁଡ଼ିକ ଇଟାରେ ଗାନ୍ଥିଣି ହୋଇଥିଲା । ବାମ୍ପୀ ଭିତରକୁ ଯିବାର ପାହାଚ ଅଛି । ରାଜଭବନ ଖୋଳା ହେବାରୁ ଜଣାଯାଏ ଯେ, ତା ଭିତରେ ଶତ ଶତ କୋଠରୀ ଥିଲା । ସେ କାଳରେ ଶତ୍ରୁ ଭୟ ହେତୁ ଗଡ଼ ମଧ୍ୟରୁ ବାହାରକୁ ମାଟି ଭିତରେ ସୁଡ଼ଙ୍ଗ ପଥ ରଖିଥିଲେ । ସିଂହଦ୍ୱାରରେ ତୋପ ରହୁଥିବାର ଚିହ୍ନ ମଧ୍ୟ ଅଛି । ଗାଧୁଆ ଘରକୁ କାନ୍ଥମାନଙ୍କ ମଧ୍ୟରେ ପାଣି ନାଳୁଆ ଥିଲା, ଏପରି ନାଳୁଆ ଆଗ୍ରା ଫୋର୍ଟର କାନ୍ଥମାନଙ୍କରେ ଦେଖାଯାଏ ।

Digitized by PPRACHIN, SOA

ହଣ୍ଟର ସାହେବ ଲେଖିଅଛନ୍ତି ଯେ, ଥରେ ମରହଟ୍ଟାମାନେ ପ୍ରବଳ ଭାବରେ ମୟୂରଭଞ୍ଜ ଆକ୍ରମଣ କରିଥିଲେ । ମହାରାଜା ସେମାନଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ନ ପାରି ଅଗତ୍ୟା ପାହାଡ଼ ମଧ୍ୟରେ ଲୁଚି ରହିଲେ । ତେଣୁ ମରହଟ୍ଟମାନେ ଅବାଧରେ ରାଜ୍ୟରେ ନାନା ଅନିଷ୍ଟ କରିବାକୁ ଲାଗିଲେ । ଇତିହାସରୁ ଦେଖାଯାଏ ଯେ, ମୟୂରଭଞ୍ଜ ରାଜବଂଶ ଯେପରି ପ୍ରଜାବତ୍ସଳ, ପ୍ରଜାମାନେ ମଧ୍ୟ ସେହିପରି ରାଜଭକ୍ତ । ଦେଶରେ ଅନିଷ୍ଟ ହେବାର ଦେଖି ରାଜଭକ୍ତ ପ୍ରଜାମାନେ ଚାନ୍ଦା ଉଠାଇ ବହୁ ଅର୍ଥ ସଂଗ୍ରହ କରିଥିଲେ ଏବଂ ମରହଟ୍ଟା ସେନାପତିଙ୍କୁ ଲାଞ୍ଚ ଦେଇ କୌଶଳରେ ସେମାନଙ୍କୁ ତଡ଼ି ଦେଇ ରାଜ୍ୟରେ ଶାନ୍ତି ଆଣିଥିଲେ । ମରହଟ୍ଟାମାନଙ୍କୁ ଅର୍ଥଲୋଭୀ ଜାଣି ସେମାନଙ୍କ ସହିତ ଯୁଦ୍ଧ ନ କରି ଏହି ଉପାୟ ଦ୍ୱାରା ରାଜ୍ୟ ରକ୍ଷା କରିବା ଶ୍ରେୟ ବୋଲି ପ୍ରଜାମାନେ ମନେ କରିଥିଲେ ।

ହରିପୁର ରାଜଧାନୀ ଥିବା ସମୟରେ ମହାରାଜାମାନେ ସାମନ୍ତ ରାଜାମାନଙ୍କୁ କେତେ ଗୁଡ଼ିଏ ପ୍ରଗନା ଦାନ କରିଥିବାର ଜଣାଯାଏ । ଯଥା- ମେଦିନୀପୁର ରାଜାଙ୍କୁ ଭଞ୍ଜଭୂମି ପ୍ରଗନା ଓ ଧଳଭୂମ ରାଜାଙ୍କୁ ହଳଦୀପୋଖରୀ ପ୍ରଗନା । ହଳଦୀପୋଖରୀ ପ୍ରଗନା ଦାନ ସମ୍ବନ୍ଧରେ ଏହିପରି କିମ୍ବଦନ୍ତୀ ଅଛି- "ଧଳଭୂମର ଧଳରାଜା ମୟୂରଭଞ୍ଜର ସାମନ୍ତରାଜା ଥିବାରୁ ସେ ମୟୂରଭଞ୍ଜର ମହାରାଜାଙ୍କୁ ସ୍ୱୀବେଶରେ ଦେଖା କରୁଥିଲେ । ଥରେ ସେ ଲୁଖୁରା ବେଶରେ ଦେଖା କରିବାରୁ ମହାରାଜା ତାଙ୍କର ଅଭାବ ଜାଣିପାରି ତେଲହଳଦୀ ଖରଚ ପାଇଁ ଧଳଭୂମକୁ ଲାଗିଥିବା ହଳଦୀପୋଖରୀ ପ୍ରଗନା ଦାନ କରିଥିଲେ ।"

ଅନ୍ୟାନ୍ୟ ସାମନ୍ତ ରାଜାମାନେ ମଧ୍ୟ କୌତୂହଳପୂର୍ଣ୍ଣ କାର୍ଯ୍ୟ କରୁଥିଲେ ।

❑❑❑

Digitized by PPRACHIN, SOA

୧୫ଶ ପାଠ

ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ ଦ୍ୱିତୀୟ

(୧୮୧୧-୧୮୨୮)

ମହାରାଜା ତ୍ରିବିକ୍ରମ ଭଞ୍ଜଦେବ ୧୮୧୧ ଖ୍ରୀ.ଅ.ରେ ସିଂହାସନରେ ବସିଲେ । ସେ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ପ୍ରସ୍ତାବ ଅନୁସାରେ ୧୦୦୧ ସିକା ଟଙ୍କା ପେସ୍‌କସ୍ ଦେବା ପାଇଁ ରାଜି ହୋଇଥିଲେ । ଇଂରେଜମାନେ ଓଡ଼ିଶାର ଅନ୍ୟାନ୍ୟ ରାଜାମାନଙ୍କ ଉପରେ ଯେଉଁ ହାରରେ ପେସ୍‌କସ୍ ଧାର୍ଯ୍ୟ କଲେ, ମୟୂରଭଞ୍ଜ ବିଶାଳ ରାଜ୍ୟ ହୋଇ ସୁଦ୍ଧା ସର୍ବାପେକ୍ଷା କମ୍ ଟଙ୍କା ପେସ୍‌କସ୍‌ରେ ସନ୍ଧି କଲା । ବହୁ ପୂରାକାଳରୁ ମୟୂରଭଞ୍ଜ ସ୍ୱାଧୀନ ଥିବା ହେତୁ ଅନେକ ପ୍ରକାର କର ବସାଇ ପାରୁଥିଲା । ୧୮ଶ ଶତାବ୍ଦୀ ଏବଂ ତତ୍‌ପୂର୍ବରୁ ଜଗନ୍ନାଥ ତୀର୍ଥ ଯାତ୍ରୀମାନଙ୍କୁ ମୟୂରଭଞ୍ଜ ରାଜ୍ୟ ମଧ୍ୟରେ ଯିବାକୁ ପଡୁଥିଲା । ସେଥିପାଇଁ ସେମାନଙ୍କୁ କିଛି କିଛି କର ଦେବାକୁ ହେଉଥିଲା । ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ ଓ ତାଙ୍କ ପୂର୍ବପୁରୁଷମାନେ ଯାତ୍ରୀ କରରୁ ବହୁରାଜସ୍ୱ ସଂଗ୍ରହ କରୁଥିଲେ । ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ସହିତ ସନ୍ଧି ହେବାରୁ ସେଥିରୁ ଆଂଶିକ କାଟି ନେଇ ଅବଶିଷ୍ଟ ଟଙ୍କା ମୟୂରଭଞ୍ଜ ମହାରାଜାଙ୍କୁ ଫେରସ୍ତ ଦେଉଥିଲେ ।

୧୮୧୬ ଖ୍ରୀ.ଅ.ରେ ମହାରାଜା ଗଭର୍ଣ୍ଣମେଣ୍ଟଙ୍କ ଠାରୁ ସମ୍ମାନସୂଚକ ଖିଲାଦ୍ ପାଇଥିଲେ । ଏହାଙ୍କ ଅମଳରେ ରାଜ୍ୟରେ ହାତୀ ପ୍ରବଳ ହେବାରୁ ପ୍ରଜାମାନେ ବହୁ କ୍ଷତିଗ୍ରସ୍ତ ହେଲେ । ତେଣୁ ଶତଶତ ହାତୀଙ୍କୁ ବିଷ ମିଠେଇ ଦେଇ ମାରି ଦିଆଯାଇଥିଲା ।

ମରହଟ୍ଟାମାନଙ୍କ ଦ୍ୱାରା ହରିପୁର ବାରମ୍ବାର ଆକ୍ରାନ୍ତ ହୋଇ ରାଜପ୍ରାସାଦ ସ୍ତୂପାକାରରେ ପରିଣତ ହେବାରୁ ମହାରାଜା ତ୍ରିବିକ୍ରମ ଭଞ୍ଜ ଦେବ ବାରିପଦାରେ ରାଜଧାନୀ ସ୍ଥାପନ କଲେ । ଏହାଙ୍କର ଚାରି ପୁତ୍ର ମଧ୍ୟରୁ ଯଦୁନାଥ ଭଞ୍ଜ ଦେବ ଟୀକାୟତ ଥିଲେ ।

ମହାରାଜା ପ୍ରଜାମାନଙ୍କୁ ଉତ୍ତମରୂପେ ପାଳନ କରି ରାଜ୍ୟର ବନ୍ଦୋବସ୍ତ କରିଥିଲେ । ମହାରାଜା । ୧୮୨୮ ଖ୍ରୀ.ଅ.ରେ ପ୍ରାଣତ୍ୟାଗ କଲେ ।

❑❑❑

(ସିକା ୧୦୦୦ ଟଙ୍କା ବର୍ତ୍ତମାନ ଟ.୧୦୬୭୩ ୵୯ ଏବଂ ସିକା ୧ ଟଙ୍କା ବର୍ତ୍ତମାନ ଟ. ୧/୯ ପାହୁଲା ।)

Digitized by PPRACHIN, SOA

୧୬ଶ ପାଠ

ମହାରାଜା ଯଦୁନାଥ ଭଞ୍ଜ ଦେବ

(୧୮୨୮-୧୮୬୩)

ମହାରାଜା ଯଦୁନାଥ ଭଞ୍ଜ ଦେବ ପିତାଙ୍କ ମୃତ୍ୟୁ ପରେ ସିଂହାସନରେ ବସିଲେ । ୧୮୨୯ ଖ୍ରୀ.ଅ. ଜୁନ ୧ ତାରିଖରେ ଇଂରେଜ ଗଭର୍ଣ୍ଣମେଣ୍ଟ ଓ ମହାରାଜାଙ୍କ ମଧ୍ୟରେ ଗୋଟିଏ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇଥିଲା ।

ଏହି ସମୟରେ ବ୍ରାହ୍ମଣଘାଟୀରେ ମାଧବ ଦାସ ନରେନ୍ଦ୍ର ମହାପାତ୍ର ନାମରେ ଜଣେ ଜମିଦାର ଥିଲେ । ୧୮୩୨ ରୁ ୧୮୩୫ ଖ୍ରୀ.ଅ. ପର୍ଯ୍ୟନ୍ତ ଏହାଙ୍କ ସହିତ ମହାରାଜାଙ୍କର ଗୋଳମାଳ ହେଲା, ତେଣୁ ମହାରାଜା ଯୁଦ୍ଧ କରି ତାଙ୍କୁ ପରାସ୍ତ କରିବାକୁ ବାଧ୍ୟ ହେଲେ । ଟେଣ୍ଟପୋଷ ଠାରେ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ସେ ପରାସ୍ତ ହୋଇ ରାଜ୍ୟରୁ ବାହାରିଗଲେ ।

ବ୍ରାହ୍ମଣଘାଟୀ ଗୋଳମାଳ ପରେ ସିଂହଭୂମର କୋହ୍ଲମାନେ ଗୋଳମାଳ କରିବାରୁ ସିଂହଭୂମର ରାଜା ତାହା ଦମନ କରିପାରିଲେ ନାହିଁ । ଏଣୁ ଗଭର୍ଣ୍ଣମେଣ୍ଟ ସେମାନଙ୍କୁ ଦମନ କଲେ । କୋହ୍ଲାନର ରାଜକାର୍ଯ୍ୟ ଗଭର୍ଣ୍ଣମେଣ୍ଟଙ୍କ ହାତରେ ରହିଲା । କୋହ୍ଲାନ ଗଠନ ସମୟରେ ମୟୂରଭଞ୍ଜର ଥଇ,ଭରଭରିଆ,ଅଉଲା ଓ ଲାଲଘର ପୀଢ଼ଗୁଡ଼ିକ କାଢ଼ି ନେଇ କୋହ୍ଲାନରେ ମିଶାଇଲେ । ଏହା ଦ୍ୱାରା ମୟୂରଭଞ୍ଜରୁ ପ୍ରାୟ ୫୦୦ ବର୍ଗମାଇଲ ରାଜ୍ୟ ବାହାରି ଯାଇଛି ।

୧୮୫୭ ଖ୍ରୀ.ଅ.ରେ ଭାରତରେ ଯେଉଁ ସିପାହୀ ବିଦ୍ରୋହ ହୋଇଥିଲା, ସେଥିରେ ମହାରାଜା ଗଭର୍ଣ୍ଣମେଣ୍ଟଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ଏଥିଲାଗି ଗଭର୍ଣ୍ଣମେଣ୍ଟ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାରାଜା ବାହାଦୁର ଉପାଧି ଓ ସମ୍ମାନସୂଚକ ଖିଲାତ୍ (ପ୍ରଶଂସା ପତ୍ର) ପ୍ରଦାନ କରିଥିଲେ ।

୧୮୬୧ ଖ୍ରୀ.ଅ. ମାର୍ଚ୍ଚ ମାସ ୨୨ ତାରିଖରେ କେଉଁଝରର ରାଜା ଗଦାଧର ଭଞ୍ଜଙ୍କର ତ୍ରିବେଣୀ ଠାରେ ଗଙ୍ଗାପ୍ରାପ୍ତି ହୋଇଥିଲା । ତ୍ରିବେଣୀକୁ ଗଲା ବେଳେ ସେ ବାରିପଦା ହୋଇ ଯାଇଥିଲେ ଏବଂ ଶ୍ରୀ ଛୋଟରାୟ ସୀତାନାଥ ଭଞ୍ଜଙ୍କର ମଧ୍ୟମ ପୁତ୍ର ବୃନ୍ଦାବନ ଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟପୁତ୍ର ମନୋନୀତ କରି ତାଙ୍କୁ ସଙ୍ଗରେ ତ୍ରିବେଣୀ ନେବା ପାଇଁ ମହାରାଜା ଯଦୁନାଥ ଭଞ୍ଜ ଦେବଙ୍କୁ ଅନୁରୋଧ କରିଥିଲେ । ମାତ୍ର ବୃନ୍ଦାବନଚନ୍ଦ୍ର ଶିଶୁ

Digitized by PPRACHIN, SOA

ଥିବାରୁ ମହାରାଜା ଏ ପ୍ରସ୍ତାବରେ ସମ୍ମତ ନ ହୋଇ କହିଥିଲେ ଯେ, ସେ ତ୍ରିବେଣୀରୁ ଫେରିବା ବେଳେ ବୃନ୍ଦାବନଚନ୍ଦ୍ରଙ୍କୁ କେଉଁଝର ନେଇଯିବେ । ପରେ ଏହି ପୋଷ୍ୟପୁତ୍ର ନିର୍ବାଚନ ନେଇ କେଉଁଝର ସହିତ ମୋକଦ୍ଦମା ହୋଇଥିଲା । ଏହି ମୋକଦ୍ଦମା କଟକରେ ଚଳୁଥିବାରୁ ମହାରାଜା ସ୍ୱୟଂ କଟକରେ ଉପସ୍ଥିତ ଥିଲେ ଓ ୧୮୬୩ ଖ୍ରୀ.ଅ.ରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା । କଟକ ତୁଳସୀପୁର ମଠରେ ଆଜି ସୁଦ୍ଧା ତାଙ୍କର ସମାଧି ମନ୍ଦିର ଅଛି ।

ସେ ବିଷ୍ଣୁ ଭକ୍ତ ଓ ପ୍ରଜାବତ୍ସଳ ଥିଲେ । ତାଙ୍କର ତିନି ପୁତ୍ର ଥିଲେ ।

ମହାରାଜା ଯଦୁନାଥ ଭଞ୍ଜ ଦେବ

- ଟୀକାୟତ ଶ୍ରୀନାଥ ଭଞ୍ଜ ଦେବ
- ଛୋଟରାୟ ସୀତାନାଥ ଭଞ୍ଜ ଦେବ
  - କୃଷ୍ଣଚନ୍ଦ୍ର ଭଞ୍ଜ ଦେବ
  - ବୃନ୍ଦାବନଚନ୍ଦ୍ର ଭଞ୍ଜ ଦେବ
  - ଗୋକୁଳଚନ୍ଦ୍ର ଭଞ୍ଜ ଦେବ
- ରାଉତରାୟ ଦ୍ୱାରିକାନାଥ ଭଞ୍ଜ ଦେବ

Digitized by PPRACHIN, SOA

୧୭ଶ ପାଠ

ମହାରାଜା ଶ୍ରୀନାଥ ଭଞ୍ଜ ଦେବ
(୧୮୬୩ -୧୮୬୭)

ମହାରାଜା ଯଦୁନାଥ ଭଞ୍ଜ ଦେବଙ୍କ ପରେ ମହାରାଜା ଶ୍ରୀନାଥ ଭଞ୍ଜ ଦେବ ୧୮୬୩ ଖ୍ରୀ.ଅ.ରେ ସିଂହାସନରେ ବସିଲେ । ଏହାଙ୍କ ଶାସନରେ ଅଳ୍ପକାଳ ମଧ୍ୟରେ ୧୮୬୬ ଖ୍ରୀ.ଅ.ରେ ବ୍ରାହ୍ମଣଘାଟୀର ପ୍ରଜା ଗୋଳମାଳ କରିଥିଲେ । ତେଣୁ ମହାରାଜାଙ୍କ ତରଫରୁ ବ୍ରାହ୍ମଣଘାଟୀର ଶାସନଭାର ନିଜେ ଗଭର୍ଣ୍ଣମେଣ୍ଟ ନେଇଥିଲେ । କିନ୍ତୁ ମହାରାଜାଙ୍କର ଅଧିକାର ରାଜ୍ୟର ଅନ୍ୟାନ୍ୟ ଅଂଶରେ ଚଳୁଥିଲା । ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଏହି ସମୟରେ ହୋଇଥିଲା ।

ମହାରାଜା ବାରିପଦାରେ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କରିଥିଲେ । ତାଙ୍କର ପୁତ୍ର ନ ଥିବାରୁ ଛୋଟରାୟ ସୀତାନାଥ ଭଞ୍ଜଙ୍କର ପ୍ରଥମ ପୁତ୍ର କୃଷ୍ଣଚନ୍ଦ୍ର ଭଞ୍ଜ ଦେବ ଏହାଙ୍କ ପରେ ମହାରାଜା ହେଲେ । ମହାରାଜା ଶ୍ରୀନାଥ ଭଞ୍ଜ ଦେବ ପରମ ବୈଷ୍ଣବ ଥିଲେ । ସେ ଅଧିକାଂଶ ସମୟ ପୁରାଣ ପାଠରେ କଟାଉଥିଲେ । ୧୮୬୭ ଖ୍ରୀ.ଅ.ର ନଭେମ୍ବର ମାସ ୧୦ ତାରିଖରେ ମହାରାଜା ପ୍ରାଣତ୍ୟାଗ କଲେ ।

❑❑❑

Digitized by PPRACHIN, SOA

୧୮ଶ ପାଠ

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ

(୧୮୬୭-୧୮୮୨)

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ ୧୮୬୭ରେ ୨୦ ବର୍ଷ ବୟସ ସମୟରେ ସିଂହାସନରେ ବସି ୧୪ ବର୍ଷ ମାତ୍ର ରାଜତ୍ୱ କରିଥିଲେ ।

ତାଙ୍କର ପିତା ଅସମୟରେ ମରିଯିବାରୁ ପିତାମହ ମହାରାଜା ଯଦୁନାଥ ଭଞ୍ଜ ଦେବ ତାଙ୍କୁ ପିଲାଦିନେ ପ୍ରତିପାଳନ କରିଥିଲେ । ସେହି ସମୟରେ ସେ ଚାଟଶାଳୀରେ ଓଡ଼ିଆ ଲେଖାପଢ଼ା ଓ ଅଙ୍କ ଶିକ୍ଷା କରିଥିଲେ ଏବଂ ଏତିକିରେ ତାଙ୍କର ଶିକ୍ଷା ଶେଷ ହୋଇଥିଲା । କିନ୍ତୁ ସେ ରାଜ୍ୟର ସୁଶାସନ ଓ ଉନ୍ନତି ନିମିତ୍ତ ଯେଉଁ ବୀଜ ବପନ କରିଥିଲେ, ତାହା ଆଜି ମୟୂରଭଞ୍ଜର ସର୍ବତ୍ର ଦେଖାଯାଉଅଛି । ଏଥିରୁ ଜଣାଯାଏ ଯେ, ସେ ଜଣେ ପ୍ରତିଭାଶାଳୀ ଲୋକ ଥିଲେ । ସେ ସରଗୁଜା ରାଜ୍ୟରୁ ବିବାହ କରିଥିଲେ । ତାଙ୍କର ସ୍ତ୍ରୀଙ୍କ ନାମ ଗଦାଧର କୁମାରୀ ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ (୧୮୬୭-୧୮୮୨)

- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ (୧୮୭୧-୧୯୧୨)
  - ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ (୧୮୯୯-୧୯୨୮)
  - ମହାରାଜା ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜଦେବ (୧୯୦୧-୧୯୬୮)
    - ଟୀକାୟତ ଶ୍ରୀ ପ୍ରଦୀପଚନ୍ଦ୍ର ଭଞ୍ଜ ଦେବ ଜନ୍ମ-୧୯୨୯ (୧୦.୧୨.୧୯୨୯) ମୃତ୍ୟୁ- ୨୦୦୦ (୨୫.୯.୨୦୦୦)
    - ଛୋଟରାୟ ଶ୍ରୀ ସ୍ୱରୂପଚନ୍ଦ୍ର ଭଞ୍ଜ ଦେବ ଜନ୍ମ- ୧୯୩୧ (୧.୨.୧୯୩୧) ମୃତ୍ୟୁ- ୧୯୯୪ (୧୯.୧୧.୧୯୯୪)
- ଛୋଟରାୟ ଶ୍ୟାମଚନ୍ଦ୍ର ଭଞ୍ଜ ଦେବ (ନୀଳଗିରିର ପୋଷ୍ୟପୁତ୍ର ହୋଇ ସେଠାକାର ରାଜା ହୋଇଥିଲେ ।)
- ରାଉତରାୟ ଶ୍ରୀଦାମଚନ୍ଦ୍ର ଭଞ୍ଜ ଦେବ
  - କୁମାର ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ଦେବ (ବସ୍ତର ରାଜ୍ୟର ମହାରାଣୀଙ୍କୁ ବିବାହ କରିଥିଲେ ।)
    - ବସ୍ତର ରାଜ୍ୟର ମହାରାଜା ଶ୍ରୀ ପ୍ରବୀରଚନ୍ଦ୍ର ଭଞ୍ଜ ଦେବ

Digitized by PPRACHIN, SOA

ଦେଶହିତକର କାର୍ଯ୍ୟ-

୧) ରାଜ୍ୟରେ ଗଭର୍ଣ୍ଣମେଣ୍ଟ ନିୟମ ଅନୁଯାୟୀ ଦେଓ୍ୱାନ,ଫୌଜଦାରୀ, ରାଜସ୍ୱ ଅଦାଲତ,ପୋଲିସ ବିଭାଗ ଓ ଜେଲ ପ୍ରଭୃତି ସ୍ଥାପିତହୋଇଥିଲା ।

୨) ରାଜ୍ୟକୁ ବ୍ରାହ୍ମଣଘାଟୀ ଓ ସଦର, ଏହି ଦୁଇ ସବ୍-ଡିଭିଜନରେ ବିଭକ୍ତ କରାଯାଇ ପ୍ରତ୍ୟେକ ସବ୍-ଡିଭିଜନରେ ବିଚାରାଳୟ ସ୍ଥାପିତ ହେଲା । ଏହା ଦ୍ୱାରା ଲୋକମାନେ ନ୍ୟାୟ ବିଚାର ପାଇଲେ ।

୩) ଲୋକମାନଙ୍କୁ ଉପରୁ ଅନ୍ୟାୟ କର ଉଠାଇ ଦିଆଯାଇଥିଲା ।

୪) ଯିବା ଆସିବାର ସୁବିଧା ପାଇଁ ବାରିପଦା ଠାରୁ ବହଳଦା ଓ ବାରିପଦା ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ସଡ଼କ ପ୍ରସ୍ତୁତ ହୋଇଥିଲା ।

୫) ସ୍ଥାନେ ସ୍ଥାନେ ରୋଗ ଚିକିତ୍ସା ନିମିତ୍ତ ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା ।

୬) ବାରିପଦାରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ରାଜ୍ୟର ନାନା ସ୍ଥାନରେ ସଂସ୍କୃତ ଟୋଲ ଏବଂ ପ୍ରାଥମିକ ବିଦ୍ୟାଳୟମାନ ସ୍ଥାପିତ ହୋଇଥିଲା । ଏହି ବିଦ୍ୟାଳୟମାନଙ୍କରେ ବେତନ ନ ଥିଲା ।

୭) ବାରିପଦାରେ ଛାପାଖାନା ବସିଥିଲା । ଏଠାରୁ ଓଡ଼ିଆ ଓ ଇଂରାଜୀ ଭାଷାରେ "ମୟୂରଭଞ୍ଜ ପାକ୍ଷିକ ପତ୍ରିକା" ବାହାରୁଥିଲା ଏବଂ ଷ୍ଟେଟର ଅନ୍ୟାନ୍ୟ କାଗଜପତ୍ର ମଧ୍ୟ ଛପା ଯାଉଥିଲା ।

୮) ଷ୍ଟେଟ ଖର୍ଚ୍ଚରେ ରାଜ୍ୟର ନାନା ସ୍ଥାନରେ ଡାକଘର ସ୍ଥାପିତ ହୋଇଥିଲା ।

୯) ବାରିପଦାରେ ରାଜଭବନ ନିର୍ମାଣ କରାଯାଇଥିଲା ।

୧୦) ରାଜ୍ୟ ମଧ୍ୟରେ ଜଳକଷ୍ଟ ଦୂର କରିବା ନିମନ୍ତେ ସ୍ଥାନେ ସ୍ଥାନେ ପୋଖରୀ ଓ ବନ୍ଧ ଖୋଳା ଯାଇଥିଲା ।

ଏହିସବୁ ଦେଶହିତକର କାର୍ଯ୍ୟମାନଙ୍କରୁ ମହାରାଜାଙ୍କର ବିଚକ୍ଷଣ ବୁଦ୍ଧି, କୌଶଳ ଓ ଉତ୍ତମ ଶାସନର ପରିଚୟ ମିଳୁଅଛି । ତାଙ୍କର ସୁଶାସନରେ ଗଭର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ବ୍ରାହ୍ମଣଘାଟୀକୁ ମୟୂରଭଞ୍ଜ ଅଧୀନକୁ ୧୮୭୭ ସାଲରେ ଫେରାଇ ଦେଇଥିଲେ ।

ସେ କେବଳ ନିଜ ରାଜ୍ୟର ଉନ୍ନତି କରି ସନ୍ତୁଷ୍ଟ ନ ଥିଲେ, ରାଜ୍ୟ ବାହାରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମଧ୍ୟ ଅଜସ୍ର ଦାନ କରିଥିଲେ । ରେଭେନ୍ସା କଲେଜ ସ୍ଥାପନ ପାଇଁ ୨୦୦୦୦ଟଙ୍କା ଏବଂ ଓଡ଼ିଶା ମେଡ଼ିକାଲ୍ ସ୍କୁଲକୁ ୭୦୦୦ ଟଙ୍କା ଦାନ କରି ସେ ଚିରସ୍ମରଣୀୟ ହୋଇଅଛନ୍ତି । ଏହାଙ୍କର ତିନି ପୁତ୍ର ଥିଲେ ।

Digitized by PPRACHIN, SOA

ମହାରାଜାଙ୍କ ଶାସନ କାଳର ୧୮୭୨ ରୁ ୧୮୮୧ ମଧ୍ୟରେ ମୟୂରଭଞ୍ଜର ଲୋକସଂଖ୍ୟା ୨୫୮୬୦ ରୁ ୮୫୭୩୭ ପର୍ଯ୍ୟନ୍ତ ବଢ଼ିଥିଲା । ସେ ୩୪ ବର୍ଷ ବୟସରେ ୧୮୮୨ ଖ୍ରୀ.ଅ. ୨୯ ତାରିଖ ମଇ ମାସରେ ପରଲୋକ ପ୍ରାପ୍ତି ହେଲେ । ଏହାଙ୍କର ଦ୍ୱିତୀୟ ପୁତ୍ର ଛୋଟରାୟ ଶ୍ରୀ ଶ୍ୟାମ ଚନ୍ଦ୍ର ଭଞ୍ଜ ଦେବ ନୀଳଗିରିର ପୋଷ୍ୟ ପୁତ୍ର ହୋଇ ଶ୍ୟାମଚନ୍ଦ୍ର ମହାରାଜ ହରିଚନ୍ଦନ ନାମରେ ସେଠାରେ ରାଜା ହେଲେ ।

ଏହାଙ୍କ ରାଜତ୍ୱରେ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଘୋଷାଲ ଦେଓ୍ୱାନ ଥିଲେ ।

❑❑❑

Digitized by PPRACHIN, SOA

୧୯ଶ ପାଠ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ

(୧୮୭୧-୧୯୧୨)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ୧୮୭୧ ଖ୍ରୀ.ଅ. ଡିସେମ୍ବର ୧୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଜନ୍ମ ସମୟରେ ରାଜ୍ୟବ୍ୟାପୀ ଉତ୍ସବ ହୋଇଥିଲା । ଦୁଃଖୀରଙ୍କୀ ଖାଇବାକୁ ପାଇଥିଲେ । ବ୍ରାହ୍ମଣମାନେ ଭୂମି ଓ ଅନ୍ୟାନ୍ୟ ଦାନ ପାଇଥିଲେ । ୫ ବର୍ଷ ବୟସରେ ତାଙ୍କର ବିଦ୍ୟାରମ୍ଭ ହେଲା ।

ଶିକ୍ଷା: ସେ ଅବଧାନଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ ଏବଂ ଅଳ୍ପ ଦିନ ପରେ ବାରିପଦା ବିଦ୍ୟାଳୟରେ ପଢ଼ିଲେ । ପରେ ତତ୍‌କାଳୀନ ମୟୂରଭଞ୍ଜ ଓ କେଉଁଝର ସ୍କୁଲ ସମୂହର ସବ୍-ଇନ୍‌ସପେକ୍ଟର ପଣ୍ଡିତ ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ତାହାଙ୍କୁ ସଂସ୍କୃତ ଓ ଓଡ଼ିଆ ପଢ଼ାଇଲେ । ୯ ବର୍ଷ ବୟସ ବେଳେ ତାଙ୍କର ଉପନୟନ ହେଲା । ବାଲ୍ୟକାଳରେ ସେ ବସନ୍ତ ରୋଗରେ ଆକ୍ରାନ୍ତ ହେବାରୁ ପ୍ରଜାବର୍ଗ ଓ ରାଜପରିବାର ଅତ୍ୟନ୍ତ ଦୁଃଖିତ ହୋଇଥିଲେ । କିନ୍ତୁ ଭଗବାନ ତାଙ୍କୁ ଶୀଘ୍ର ଆରୋଗ୍ୟ କରିଦେଲେ । ତତ୍ପରେ ତାଙ୍କର ପିତୃମାତୃ ବିୟୋଗ ହେଲା । ମହାରାଜା ଶ୍ରୀରାମଚନ୍ଦ୍ର ନାବାଳକ ଥିବାରୁ ରାଜ୍ୟ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା । ସେ କଟକରେ କେତେ ଦିନ ପଢ଼ିବା ପରେ କିଡେଲ ସାହେବ ତାଙ୍କର ଶିକ୍ଷକ ହୋଇଥିଲେ । ମହାରାଜା ୧୨ ବର୍ଷ କାଳ କିଡ୍‌ଲେ ସାହେବଙ୍କ ଅଭିଭାବକତ୍ୱରେ ରହି ଜୀବନରେ ଅନେକ କଥା ଶିଖିଥିଲେ । ଛାତ୍ର ଅବସ୍ଥାରେ ସେ ଧୀର, ନମ୍ର ଓ ବିନୟୀ ଥିଲେ । ସେ ପିଲାଦିନେ କଲିକତା ଓ କଲମ୍ବୋ ଭ୍ରମଣ କରିଥିଲେ ।

୧୮୮୨ ରୁ ୧୮୯୨ ଖ୍ରୀ.ଅ. ପର୍ଯ୍ୟନ୍ତ ଓ୍ୟାଲି ସାହେବ ଗଭର୍ଣ୍ଣମେଣ୍ଟଙ୍କ ତରଫରୁ ନିଯୁକ୍ତ ହୋଇ ରାଜ୍ୟ ଚଳାଉଥିଲେ । ଏହି ସମୟରେ ରାଜ୍ୟରେ ଶିକ୍ଷା ଓ ରାସ୍ତାଘାଟର ଉନ୍ନତି ହୋଇଥିଲା ଏବଂ ପାଞ୍ଚପୀଢ଼କୁ ଗୋଟିଏ ସ୍ୱତନ୍ତ୍ର ସବ୍-ଡିଭିଜନ କରାଯାଇଥିଲା ।

୧୮୯୨ ଖ୍ରୀ.ଅ. ଅଗଷ୍ଟ ମାସ ୧୫ ତାରିଖରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ରାଜ୍ୟଭାର ପାଇଲେ । ଏହାଙ୍କ ରାଜତ୍ୱକାଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପୂର୍ତ୍ତ ଏବଂ କୃଷି ପ୍ରଭୃତି ବିଭିନ୍ନ ବିଭାଗରେ ମୟୂରଭଞ୍ଜର ସର୍ବାଙ୍ଗୀନ ଉନ୍ନତି

Digitized by PPRACHIN, SOA

ହୋଇଥିଲା । ସେ ବିଦ୍ୟାନୁରାଗୀ, ନ୍ୟାୟ ପରାୟଣ, ଦାର୍ଶନିକ, ସୁବିଚାରକ ଥିବାରୁ ଆଦର୍ଶ ନରପତି ଥିଲେ ।

୧୮୯୬ ମସିହାରେ ସେ ପଞ୍ଚକୋଟର ମହାରାଜା ନୀଳମଣି ସିଂହଙ୍କ ନାତୁଣୀ ଶ୍ରୀମତୀ ଲକ୍ଷ୍ମୀକୁମାରୀ ଦେବୀଙ୍କୁ ବିବାହ କରିଥିଲେ । ୧୮୯୭ ମସିହାରେ ଶ୍ରୀପଦ୍ମମଞ୍ଜରୀ ନାମରେ ରାଜଜେମା ଏବଂ ୧୮୯୯ ସାଲ ଅଗଷ୍ଟ ୭ ତାରିଖରେ ଟୀକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ ଜନ୍ମ ଗ୍ରହଣ କରିଥିଲେ । ସେତେ ବେଳେ ଦୀନ ଦୁଃଖୀଙ୍କୁ ଅନ୍ନ ବସ୍ତ୍ର ଦିଆଯାଇଥିଲା । ୧୯୦୧ ମସିହା ଫେବୃୟାରୀ ମାସ ୧୮ ତାରିଖରେ ଛୋଟରାୟ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେବ ଭୂମିଷ୍ଠ ହୋଇଥିଲେ । ମହାରାଣୀ ଲକ୍ଷ୍ମୀକୁମାରୀ ୧୯୦୨ ମସିହା ମାର୍ଚ୍ଚ ମାସ ୭ ତାରିଖରେ ପ୍ରାଣତ୍ୟାଗ କଲେ । ତାଙ୍କର ସ୍ମୃତିରକ୍ଷା ପାଇଁ ରାଣୀବାଗ ବଗିଚାରେ ମଲମଲ ପ୍ରସ୍ତରରେ ତାଙ୍କର ସମାଧିସ୍ତମ୍ଭ ଏବଂ ସହରରେ ଲକ୍ଷ୍ମୀକୁମାରୀ ଧର୍ମଶାଳା ସ୍ଥାପିତ ହୋଇଅଛି । ମହାରାଜକୁମାରୀ ଶ୍ରୀପଦ୍ମମଞ୍ଜରୀ ୧୯୦୬ ଏପ୍ରିଲ ୯ ତାରିଖରେ ପ୍ରାଣତ୍ୟାଗ କଲେ । ସେ ଅତ୍ୟନ୍ତ ରୂପବତୀ ଓ ଗୁଣବତୀ ଥିଲେ । ତାଙ୍କ ସ୍ମୃତି ପାଇଁ ବାରିପଦାରେ କୃଷ୍ଣାଶ୍ରମ ପ୍ରତିଷ୍ଠା ହୋଇଅଛି ।

ଦେଶହିତକର କାର୍ଯ୍ୟ:

ମହାରାଜା ଶ୍ରୀରାମଚନ୍ଦ୍ର ପୂର୍ଣ୍ଣ ଶାସନ କ୍ଷମତା ପାଇ ଷ୍ଟେଟ କାଉନ୍‌ସିଲ ଏବଂ ମକଦ୍ଦମାର ଶେଷ ନିଷ୍ପତ୍ତି ପାଇଁ ଯୁଡ଼ିସିଏଲ୍ କମିଟି ବସାଇଥିଲେ । ଏଥିରେ ସେ ପ୍ରେସିଡେଣ୍ଟ ଥିଲେ । ଷ୍ଟେଟ କାଉନ୍‌ସିଲରେ ବ୍ରିଟିଶ ଭାରତର ପ୍ରଚଳିତ ଆଇନ ସବୁ ସ୍ଥାନୀୟ ଏବଂ ପ୍ରଜାସାଧାରଣଙ୍କର ଅବସ୍ଥା ଦୃଷ୍ଟିରେ ପରିବର୍ତ୍ତନ କରାଯାଇଥିଲା । ଜମି ବନ୍ଦୋବସ୍ତ କରାଯାଇ କିସମଓ୍ୟାରି ଜମି ଉପରେ ଯଥାଯୋଗ୍ୟ କର ଧାର୍ଯ୍ୟ ହୋଇଥିଲା ଏବଂ ଜମିରେ ପ୍ରଜାସତ୍ୱ ଘୋଷଣା କରାଯାଇଥିଲା ।

ପୋଲିସ ବିଭାଗର ପୁନଃ ସଂଗଠନ କରାଯାଇ ନିୟମ ଅନୁସାରେ ୧୩ଟି ଥାନା, ୧୦ଟି ଫାଣ୍ଡି ସ୍ଥାପିତ ହେଲା ଓ ଚୌକିଦାର ପ୍ରଥା ପ୍ରଚଳିତ ହୋଇ କର ଧାର୍ଯ୍ୟ ହୋଇଥିଲା ।

୧୮୯୫ରେ ପ୍ରତ୍ୟେକ ରାଜକୀୟ ବିଭାଗରେ ଚାକିରିଗୁଡ଼ିକର ଦରମା ନିୟମ ମୁତାବକ କରାଯାଇ ପେନସନ ଦେବା ପ୍ରଥା ଆରମ୍ଭ ହୋଇଥିଲା ।

ରାଜ୍ୟର ଉର୍ବର ଜଙ୍ଗଲ ଜମିକୁ ଆବାଦ କରିବା ପାଇଁ ରାଜବଂଶୀୟ ଓ ଅନ୍ୟାନ୍ୟ ଭଦ୍ରଲୋକମାନଙ୍କୁ ଅମଳନାମା ଦିଆଯାଇଥିଲା । ଜମିରେ ପାଣି ମଡ଼ାଇ ଜମିରୁ ଉତ୍ତମ ଫସଲ ପାଇବା ପାଇଁ ମହାରାଜା ହଳଦିଆ, ବାଲ୍‌ଡିହା ଓ ଗୋହିରା ଖାଲରେ ଛଅ ଲକ୍ଷ ଟଙ୍କା ଖରଚ କରି ବନ୍ଧ ଓ କେନାଲ ନିର୍ମାଣ କରାଇଥିଲେ । ଜମି କିଆରୀ କରିବାକୁ

Digitized by PPRACHIN, SOA

ଓ କୃଷିକାର୍ଯ୍ୟ କରିବା ନିମନ୍ତେ ଷ୍ଟେଟରୁ ଋଣ ନେବା ଅନୁମତି ପ୍ରଜାମାନଙ୍କୁ ଦିଆଯାଇଥିଲା ।

୧୮୯୨ ଖ୍ରୀ.ଅ.ରେ ଶିକ୍ଷାର ଉନ୍ନତିକଳ୍ପେ ବାରିପଦା ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ (ବର୍ତ୍ତମାନର ଏମ୍.କେ.ସି. ହାଇସ୍କୁଲ) ପରିଣତ ହୋଇଥିଲା ଏବଂ ଷ୍ଟେଟର ଅନ୍ୟାନ୍ୟ ସ୍ଥାନରେ ମ:ଇ: ବିଦ୍ୟାଳୟମାନ ସ୍ଥାପିତ ହୋଇଥିଲା । ପ୍ରାଥମିକ ଶିକ୍ଷା ପାଇଁ ଅନେକ ପ୍ରାଥମିକ ବିଦ୍ୟାଳୟ ବସିଥିଲା ।

ଡାକ୍ତରୀ ଚିକିତ୍ସା ପାଇଁ ବାରିପଦା ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଡାକ୍ତରଖାନା ନ ଥିଲା । ସେହି ଅସୁବିଧା ଦୂର କରିବା ନିମନ୍ତେ ନୟାବସାଣ ଓ ଷ୍ଟେଟର ବିଭିନ୍ନ ସ୍ଥାନରେ ଆଠଗୋଟି ଡାକ୍ତରଖାନା ଖୋଲା ଯାଇଥିଲା । ବାରିପଦାର ଦାତବ୍ୟ ଚିକିତ୍ସାଳୟ ପରେ ସପ୍ତମ ଏଡ୍‌ୱାର୍ଡ ଦାତବ୍ୟ ଚିକିତ୍ସାଳୟ ନାମରେ କଥିତ ହେଲା । ରାଜ୍ୟରେ ଟୀକା ଦେବା ପ୍ରଥା ବାଧ୍ୟତାମୂଳକ କରାଯାଇଥିଲା ।

ବ୍ରିଟିଶ ଭାରତର ମ୍ୟୁନିସିପାଲଟି ନିୟମ ଅନୁସାରେ ବାରିପଦାରେ ମ୍ୟୁନିସିପାଲଟି ୧୯୦୫ରେ ସ୍ଥାପନ କରାଗଲା । ଗୁଡୁରିବଜାର ସେହି ଦିନୁ ହୋଇ ଲୋକମାନଙ୍କର ଅସୁବିଧା ଦୂର କରିଅଛି । ପୂର୍ବେ ଏହା ଜେଲଖାନା ଥିଲା ।

୧୯୦୦ ରୁ ୧୯୦୪ ଖ୍ରୀ.ଅ. ମଧ୍ୟରେ ରୂପ୍‌ସା ଠାରୁ ବାରିପଦା ପର୍ଯ୍ୟନ୍ତ ଗୋଟିଏ ରେଳପଥ ଖୋଲାଗଲା । ଏହା ମୟୂରଭଞ୍ଜ ଷ୍ଟେଟ୍ ଲାଇଟ୍ ରେଳପଥ ଥିଲା । ଏଥିରେ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ୧୯୦୪ ଖ୍ରୀ.ଅ.ରେ ବଙ୍ଗଦେଶର ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ସାର ଆଣ୍ଡ୍ରୁ ଫ୍ରେଜାର୍ ମୟୂରଭଞ୍ଜ ଆସିଥିଲେ । ତାଙ୍କ ଦ୍ୱାରା ରେଳପଥର ଉଦ୍‌ଘାଟନକାର୍ଯ୍ୟ ୨ ଡିସେମ୍ବର ୧୯୦୪ରେ ସମ୍ପନ୍ନ ହୋଇଥିଲା ଏବଂ ତାଙ୍କ ନାମାନୁସାରେ ବାରିପଦାରେ ଫ୍ରେଜାର ଛାତ୍ରାବାସ ଓ ତାଙ୍କ ପତ୍ନୀଙ୍କ ନାମରେ ଲେଡ଼ି ଫ୍ରେଜାର ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଅଛି । ରେଳପଥଟି ଗମନାଗମନ ଏବଂ ବାଣିଜ୍ୟ କରିବାର ଅସୁବିଧା ଦୂର କରୁଅଛି । ୧୯୧୫ ଖ୍ରୀ.ଅ. ପର୍ଯ୍ୟନ୍ତ ଏହା ଷ୍ଟେଟ ଦ୍ୱାରା ପରିଚାଳିତ ହେଉଥିଲା । ପରେ ଏହା ତାଡ଼ବନ୍ଧ ପର୍ଯ୍ୟନ୍ତ ବଢ଼ି ମୟୂରଭଞ୍ଜ ଲାଇଟ୍ ରେଳପଥ ହେଲା ।

୧୮୯୪ ଖ୍ରୀ.ଅ. ରେ ମହାରାଜା ଗଭର୍ଣ୍ଣମେଣ୍ଟରୁ ତତ୍‌କାଳୀନ ଜଙ୍ଗଲ ବିଭାଗରୁ ସୁଦକ୍ଷ କର୍ମଚାରୀ ସି.ସି. ହେଟ୍‌କୁ ଷ୍ଟେଟର ଜଙ୍ଗଲ ଉନ୍ନତ କରିବା ପାଇଁ ଆଣିଥିଲେ । ସେ ୮୮ ବର୍ଗ ମାଇଲ ଜଙ୍ଗଲର ସୁରକ୍ଷଣ ପନ୍ଥା ନିର୍ଦ୍ଧାରିତ କରିଥିଲେ । ତପ୍‌ରେ ଷ୍ଟେଟରେ ବିଟ୍ରିଶ ଭାରତର ଜଙ୍ଗଲ ନିୟମ ଅନୁସାରେ ଗୋଟିଏ ଜଙ୍ଗଲ ବିଭାଗ ଖୋଲାଗଲା । ମହାରାଜାଙ୍କ ଶାସନର ୨୦ବର୍ଷ ମଧ୍ୟରେ ଜଙ୍ଗଲ ରାଜସ୍ୱ ୩୦୦୦୦ ଟଙ୍କାରୁ ୨୫୦୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିଲା । ଭୂତତ୍ତ୍ୱବିତ୍ ଶ୍ରୀଯୁକ୍ତ ପି.ଏନ୍. ବୋଷ, ବି.ଏସ୍.ସି.,

Digitized by PPRACHIN, SOA

ଏଫ୍.ଜି. ଏସ୍‌ଙ୍କ ଦ୍ୱାରା ମହାରାଜା ଗୋରୁ ମହିଷାଣୀ, ସୁଲାଇପାଟ ଓ ବାଦାମପାହାଡ଼ରେ ଲୁହା ଖଣି ପରୀକ୍ଷା କରାଇ ଟାଟା କମ୍ପାନୀକୁ ପଟ୍ଟା ଦେଲେ । ତାହାରି ଫଳରେ ଯାମସେଦପୁରର ଟାଟା କମ୍ପାନୀ ବର୍ତ୍ତମାନ ଜଗତ ବିଖ୍ୟାତ ହୋଇଅଛି । ଏହି ଖଣି ପାଇଁ ଯାମସେଦପୁରରୁ ଗୋରୁମହିଷାଣୀ ପର୍ଯ୍ୟନ୍ତ ବଡ଼ ରେଳପଥ ଖୋଲା ଯାଇଥିଲା ।

ରାଜ୍ୟ ମଧ୍ୟରେ ଗମନାଗମନର ସୁବିଧା ପାଇଁ ମହାରାଜା ୫୦୨ ମାଇଲ ବ୍ୟାପୀ ସଡ଼କ ନିର୍ମାଣ କରାଇଥିଲେ । ଏହା ଦ୍ୱାରା ବିଭିନ୍ନ ଜିଲ୍ଲାର ପ୍ରଧାନ ନଗର ଓ ଗଡ଼ଜାତମାନଙ୍କୁ ଯିବା ଆସିବାରେ ସୁବିଧା ହେଲା । ବିଚାରାଳୟ ଓ ହାକିମମାନଙ୍କ ରହିବା ନିମନ୍ତେ ସବ୍-ଡିଭିଜନମାନଙ୍କରେ କୋଠା ପ୍ରସ୍ତୁତ ହୋଇଥିଲା ଏବଂ ମଫସଲ ସଡ଼କର ପ୍ରତି ୧୦ ମାଇଲ ଦୂରରେ ଡାକବଙ୍ଗଳା କରାଯାଇଥିଲା ।

୧୯୧୦ ଖ୍ରୀ.ଅ.ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ମୟୂରଭଞ୍ଜର ଶିଳ୍ପ କୃଷି ଓ ବାଣିଜ୍ୟ ପ୍ରଭୃତିର ଉନ୍ନତି କରିବା କାମନାରେ ଜାପାନ,ଆମେରିକା ଓ ଇଂଲଣ୍ଡ ପ୍ରଭୃତି ଦେଶ ଭ୍ରମଣ କରିବାକୁ ଯାଇଥିଲେ । ସେ ଏହି ଦେଶମାନ ଦେଖି ସ୍ୱରାଜ୍ୟକୁ ଫେରି ଆସି ଏହାର ଉନ୍ନତି କରିବାର ଆଶା ମନରେ ପୋଷଣ କରିଥିଲେ ।

୧୯୦୩ ଓ ୧୯୧୧ ଖ୍ରୀ.ଅ.ରେ ମହାରାଜା ଦିଲ୍ଲୀ ଦରବାରରେ ଯୋଗ ଦେଇଥିଲେ । ୧୯୧୨ରେ ସମ୍ରାଟ୍ ଓ ସମ୍ରାଜ୍ଞୀଙ୍କୁ ମହାରାଜା ମୟୂରଭଞ୍ଜର ପ୍ରସିଦ୍ଧ ଛଉନାଚ କଲିକତାରେ ଦେଖାଇଥିଲେ । ତାଙ୍କ ରାଜତ୍ୱରେ ଛଉନାଚର ବିଶେଷ ଉନ୍ନତି ହୋଇଥିଲା । ଟୀକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ ସାମ୍ରାଜ୍ଞୀଙ୍କର ବାଳ ଅନୁଚର ହୋଇ ସମ୍ମାନିତ ହୋଇଥିଲେ ।

୧୮୯୮ରେ ବାରିପଦାରେ ଭିକ୍ଟୋରିଆ ଡାଇମଣ୍ଡ ଜୁବିଲି ପୁସ୍ତକାଳୟ ଓ ପାଠାଗାରର ପ୍ରତିଷ୍ଠା ହୋଇଥିଲା ।

ମହାରାଜାଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟର ବହୁ ଉନ୍ନତି ହୋଇଅଛି । ୧୮୯୨ରେ ଗଦ୍ୟ ଓ ପଦ୍ୟ ଲେଖା ପାଇଁ ପୁରସ୍କାର ଘୋଷଣା କରାଇ "ଉତ୍କଳପ୍ରଭା" ନାମକ ମାସିକ ପତ୍ରିକା ବାରିପଦାରୁ ବାହାର କଲେ । ଏହି ପତ୍ରିକା ୪ ବର୍ଷ ଚାଲିଥିଲା । ଏଥିରେ କବିବର ରାଧାନାଥଙ୍କର "ମହାଯାତ୍ରା" ଓ "ଚିଲିକା" ପ୍ରଭୃତି ଲେଖା, ଭକ୍ତକବି ମଧୁସୂଦନଙ୍କର ଉତ୍ତମ କବିତା, ବ୍ୟାସକବି ଫକୀରମୋହନଙ୍କର ଅନେକ ଲେଖା ଓ ରାମଶଙ୍କର ରାୟଙ୍କର "ବିବାସିନୀ" ନାମକ ଓଡ଼ିଆର ପ୍ରଥମ ଉପନ୍ୟାସ ପ୍ରଭୃତି ବାହାରିଥିଲା । ମହାରାଜା ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କରାଇ ପ୍ରଥମ ଦୁଇ ପର୍ବ ଛପାଇଥିଲେ । ଏହାଙ୍କ ରାଜତ୍ୱ ସମୟରେ ବାରିପଦାରେ ସମ୍ମିଳନୀ ନାମକ ଛାପାଖାନାରୁ "ମନୋରମା" ନାମକ ଗୋଟିଏ ସାପ୍ତାହିକ ପତ୍ରିକା ବାହାରୁଥିଲା । ଏହି

Digitized by PPRACHIN, SOA

ପତ୍ରିକାଟି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ତାହା ଛଡ଼ା ମହାରାଜା ସାହିତ୍ୟ ଲେଖକମାନଙ୍କୁ ସର୍ବଦା ସାହାଯ୍ୟ କରି ଉତ୍ସାହିତ କରୁଥିଲେ । ୧୯୦୩ ମସିହାରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଶ୍ରୀରାମଚନ୍ଦ୍ର ଭଞ୍ଜ ସଭାପତି ହୋଇଥିଲେ ।

୧୯୧୨ରେ କେତେକ ସାହେବ ବନ୍ଧୁଙ୍କ ସହିତ ଶିକାର କରିବାକୁ ଯାଇ ହଠାତ୍ ମହାରାଜାଙ୍କ ଦେହରେ ଗୁଳି ବାଜିଲା । ତେଣୁ ସେହି ବର୍ଷ ଫେବୃୟାରୀ ୨୨ ତାରିଖରେ କଲିକତା ଠାରେ ତାଙ୍କର ଅକାଳ ମୃତ୍ୟୁ ହେଲା । ଏହି ଦାରୁଣ ସମ୍ବାଦ ମୟୂରଭଞ୍ଜ ଓ ଓଡ଼ିଶାରେ ପ୍ରଚାର ହେବା ସଙ୍ଗେ ସଙ୍ଗେ ପ୍ରଜାବର୍ଗ ଓ ଅନ୍ୟାନ୍ୟ ଲୋକେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ ।

ବଙ୍ଗର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଉଇଲିୟମ୍ ଡିଉକ୍ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମ୍ବନ୍ଧରେ ଏହିପରି ଲେଖିଅଛନ୍ତି:

"ମହାରାଜା ଶ୍ରୀରାମଚନ୍ଦ୍ର ଶୁଭକ୍ଷଣରେ ରାଜା ରୂପେ ଜନ୍ମ ଗ୍ରହଣ କରିଥିଲେ । ସେ ପିଲାଦିନୁ ପିତୃମାତୃହୀନ ହୋଇ ସୁଦ୍ଧା ମନରେ ଗୋଟିଏ ଉଚ୍ଚ ଆଦର୍ଶ ରଖି ଜୀବନ ଗଢ଼ିଥିଲେ । ସେ ସେହି ଆଦର୍ଶକୁ ସମ୍ମୁଖରେ ରଖି କର୍ତ୍ତବ୍ୟ ପାଳନରେ ବ୍ରତୀ ଥିଲେ ।

x x x x x x x

୧୮୯୨ ଖ୍ରୀ.ଅ. ରୁ ୧୯୧୨ ଖ୍ରୀ.ଅ. ପର୍ଯ୍ୟନ୍ତ ମୟୂରଭଞ୍ଜର ସର୍ବ ପ୍ରକାର ଉନ୍ନତି ହୋଇଅଛି ।"

ଶିକ୍ଷା ପ୍ରସାର ପାଇଁ ମହାରାଜାଙ୍କର ଦାନ ଚିରସ୍ମରଣୀୟ ଅଟେ । ସେ କଟକ କଲେଜକୁ ୩୦୦୦୦ ଟଙ୍କା ଦାନ କରିଥିଲେ । ଏହାଙ୍କ ରାଜତ୍ୱ କାଳରେ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଘୋଷାଲ ଓ ଶ୍ରୀଯୁକ୍ତ ମୋହିନୀ ମୋହନ ଧର ଏମ୍.ଏ.,ବି.ଏଲ୍. ଦେଓ୍ୱାନ ଥିଲେ ।

ଉଚିତରେ ତାଙ୍କୁ ବୃହତ୍ତର ଉତ୍କଳର ଭିତ୍ତି ସଂସ୍ଥାପକ ବୋଲି କୁହାଯାଇପାରେ ।

❑❑❑

Digitized by PPRACHIN, SOA

୨୦ଶ ପାଠ

ମହାରାଜା ଲେଫଟ୍‌ନାଣ୍ଟ୍ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ

(୧୮୯୯-୧୯୨୮)

ଟୀକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ ମେୟୋ କଲେଜ ଆଜମିରରେ ପଢୁଥିବା ବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହେଲା । ସେ ବାରିପଦାକୁ ଆସି ରାଜ ସିଂହାସନ ଅଧିକାର କରି ମୟୂରଭଞ୍ଜର ମହାରାଜା ହେଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ ନାବାଳକ ଥିବାରୁ ଷ୍ଟେଟ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା । ମିଷ୍ଟର ଫିଲିପ୍, ମିଷ୍ଟର ସ୍କଟ୍ ଓ ମିଷ୍ଟର ପେକ୍ ନାମକ ସାହେବମାନେ କ୍ରମାନ୍ୱୟରେ ରାଜ୍ୟ ବୁଝିଥିଲେ । ଓଡ଼ିଶାର ଅନ୍ୟାନ୍ୟ ରାଜ୍ୟରେ ରାଜା ନାବାଳକ ହେଲେ ଗଭର୍ଣ୍ଣମେଣ୍ଟ ପ୍ରାୟ ଦେଶୀ ଡେପୁଟି ସବ୍‌ଡେପୁଟିମାନଙ୍କୁ ରାଜକାର୍ଯ୍ୟ ବୁଝିବା ପାଇଁ ପଠାନ୍ତି । ମାତ୍ର ମୟୂରଭଞ୍ଜ ରାଜ୍ୟ ପରିଚାଳକ ପାଇଁ କ୍ରମାନ୍ୱୟରେ ତିନି ଜଣ ଆଇ.ସି.ଏସ୍. ସାହେବ କର୍ମଚାରୀ ନିଯୁକ୍ତ ହୋଇଥିଲେ । ଏହା ମୟୂରଭଞ୍ଜର ଶାସନ ଉନ୍ନତିର ସୂଚନା ଦେଉଅଛି । ୧୯୨୦ ଖ୍ରୀ.ଅ. ଅଗଷ୍ଟ ୭ ତାରିଖରେ ମହାରାଜା ପୂର୍ଣ୍ଣଚନ୍ଦ୍ର ରାଜ୍ୟର ସମସ୍ତ କ୍ଷମତା ପାଇଲେ ।

ମହାରାଜା ଆଜମିରରୁ ଡିପ୍ଲୋମା ପରୀକ୍ଷାରେ ପାଶ୍ କରି ରାଜ୍ୟକୁ ଫେରି ଆସି କାଥିଆୱାଡ୍ ଅନ୍ତର୍ଗତ ୱାଙ୍କାନିର ମହାରାଣା ସାର୍ ଅମର ସିଂହ କି.କେ.ସି.ଆଇ.ଇଙ୍କର କେମାକୁ ୧୯୧୭ ସାଲ ଜାନୁୟାରୀ ୨୭ ତାରିଖରେ ବିବାହ କରିଥିଲେ । ତତ୍‌ପରେ ସେ ଦୁଇ ବର୍ଷ ରାଜ୍ୟ ଶାସନ ସମ୍ବନ୍ଧରେ ଶିକ୍ଷା ପାଇଥିଲେ । ଆଜମିରରୁ ଡିପ୍ଲୋମା ପାଇ ଛୋଟରାୟ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେବ ଏଲ୍ଲାହାବାଦ କଲେଜରେ ଅଧ୍ୟୟନ କଲେ ।

ଇଉରୋପୀୟ ମହାସମର ୧୯୧୪ ରୁ ୧୯୧୮ ଖ୍ରୀ.ଅ. ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ମୟୂରଭଞ୍ଜ ରାଜ୍ୟ ଗଭର୍ଣ୍ଣମେଣ୍ଟଙ୍କୁ ନାନା ଭାବରେ ସାହାଯ୍ୟ କରିଥିଲା । ଯୁଦ୍ଧ ପାଇଁ ବହୁ ଅର୍ଥ ଓ ଲୋକ ସାହାଯ୍ୟ ଦେଇ ମଧ୍ୟ ସେଥିରେ ମହାରାଜା ତୃପ୍ତ ନ ହୋଇ ନାବାଳକ ଅବସ୍ଥାରେ ସ୍ୱୟଂ ଯୁଦ୍ଧକୁ ଯାଇଥିଲେ । ସେ ଫ୍ରାନ୍‌ସର ଯୁଦ୍ଧକ୍ଷେତ୍ରରେ ପହଞ୍ଚିଲା ବେଳକୁ ଯୁଦ୍ଧର ଅବସାନ ହୋଇଥିଲା । ତେଣୁ ସେ ସେଠାରୁ ବିଲାତ ଯାଇଥିଲେ ଓ

Digitized by PPRACHIN, SOA

ସେଠାରେ ସମ୍ରାଟ୍ ଓ ସାମ୍ରାଜ୍ଞୀଙ୍କ ଦ୍ୱାରା ଅଭିନନ୍ଦିତ ହୋଇଥିଲେ । ଯୁଦ୍ଧକୁ ଯାଇଥିବାରୁ ସେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ସାମରିକ ଲେଫଟ୍‌ନାଣ୍ଟ ଉପାଧିରେ ଭୂଷିତ ହୋଇଥିଲେ ଏବଂ ଷ୍ଟେଟ ମଧ୍ୟ ୯ଟି ତୋପ ସଲାମି ପାଇଥିଲା । ୧୯୨୧ରେ ସମ୍ରାଟଙ୍କର ପୁତ୍ର ପ୍ରିନ୍‌ସ ଅଫ୍ ୱେଲସ୍‌ଙ୍କର ପାଟନା ପରିଦର୍ଶନରେ ମହାରାଜା ଶରୀର ରକ୍ଷୀରୂପେ ମନୋନୀତ ହୋଇ ସମ୍ମାନିତ ହୋଇଥିଲେ ।

ଅତି ଅଳ୍ପ ୮ ବର୍ଷ ରାଜତ୍ୱ ମଧ୍ୟରେ ମୟୂରଭଞ୍ଜର ରାଜସ୍ୱ ପ୍ରାୟ ସାତ ଲକ୍ଷ ଟଙ୍କା ବଢ଼ିଥିଲା । ତାଙ୍କ ରାଜତ୍ୱର ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଚିରସ୍ମରଣୀୟ ଅଟେ ।

୧) ରାଜବାଟୀରେ ନଳ କୂଅ, ପାଣିକଳ ଓ ବିଜୁଳି ଆଲୁଅ ହୋଇଥିଲା ।

୨) ବାରିପଦା ହାଇସ୍କୁଲ ଗୃହର ପରିବର୍ଦ୍ଧନ ହୋଇଥିଲା ।

୩) ଷ୍ଟେଟରେ ବେଣ୍ଡ ବାଦ୍ୟର ପୁନଃସ୍ଥାପନ ହେଲା ।

୪) ମୟୂରଭଞ୍ଜର ପ୍ରାଚୀନ କୀର୍ତ୍ତି ରକ୍ଷା କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପିତ ହେଲା ।

୫) ରାଉତରାୟ ସାହେବ ଶ୍ରୀଦାମଚନ୍ଦ୍ର ଭଞ୍ଜ ଦେବଙ୍କର ପୁତ୍ର କୁମାର ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ସାହେବଙ୍କ ସହିତ ବସ୍ତର ରାଜ୍ୟର ମହାରାଣୀଙ୍କୁ ବିବାହ କରାଇ ବସ୍ତର ରାଜ୍ୟରେ ନୂତନ ଭଞ୍ଜବଂଶ ପ୍ରତିଷ୍ଠିତ କରିଥିଲେ ।

୬) ରୂପ୍‌ସା ବାରିପଦା ରେଳପଥଟି ତାଳବନ୍ଧ ପର୍ଯ୍ୟନ୍ତ ଏବଂ ଟାଟାନଗର ଗୋରୁମହିଷାଣୀ ରେଳପଥଟି ଅଁଳାଯୋଡ଼ି ଠାରୁ ବାଦାମ ପାହାଡ଼ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।

୭) ବାରିପଦା ମ୍ୟୁନିସିପାଲଟିରେ ବାରିପଦାବାସୀଙ୍କୁ ଭୋଟ ଦ୍ୱାରା ମ୍ୟୁନିସିପାଲ କମିଶନର ନିର୍ବାଚନ କରିବାର କ୍ଷମତା ଦିଆଗଲା ।

୧୯୨୦ ଏପ୍ରିଲ ମାସ ୩ ତାରିଖରେ ସ୍ୱୀୟ ପିତା ପ୍ରସ୍ତର ମୂର୍ତ୍ତିରେ ଉଦ୍‌ଘାଟନ କରାଇବା ବେଳେ ରାଜ୍ୟର କୃଷି ଉନ୍ନତି ଏବଂ ପିଇବା ପାଣି ନିମନ୍ତେ ବନ୍ଧ, ପୋଖରୀ ପ୍ରଭୃତି ଖୋଳାଇବା ପାଇଁ ଯଥେଷ୍ଟ ଟଙ୍କା ଦେଇଥିଲେ ।

ଏହିସବୁ ଦେଶହିତକର କାର୍ଯ୍ୟ ବ୍ୟତୀତ ସେ ବାହାରେ ଅଜସ୍ର ଟଙ୍କା ଦାନ କରି ଚିରସ୍ମରଣୀୟ ହୋଇଅଛନ୍ତି ।

୧) ରାୟପୁର ରାଜକୁମାର କଲେଜ:	ଟ. ୨,୦୦,୦୦୦ଙ୍କା
୨) କଟକ କଲେଜ (ରେଭନସା)ର ବିଜୁଳି ଆଲୁଅ:	ଟ. ୧,୦୦,୦୦୦ଙ୍କା
୩) କଟକ ହାସପାତାଲ:	ଟ. ୨୦,୦୦୦ଙ୍କା

Digitized by PPRACHIN, SOA

୪) କଟକ ମେଡ଼ିକେଲ ସ୍କୁଲ: ଟ.୫୦,୦୦୦ଙ୍କା

୫) କଟକର ଉତ୍କଳ-ସାହିତ୍ୟ-ସମାଜ ଗୃହ: ଟ. ୧୩,୦୦୦ଙ୍କା

୬) ବିହାର ଓଡ଼ିଶା ଇଞ୍ଜିନିୟାରିଂ କଲେଜ: ଟ.୧୦,୦୦୦ଙ୍କା

୭) ଝାଡ଼ଗ୍ରାମର ନୂତନ ହାସପାତାଳ: ଟ. ୧,୦୦୦ଙ୍କା

୮) ଆଜମିରର ମେୟୋ କଲେଜ: ଟ.୧୦,୦୦୦ଙ୍କା

୯) ମେଦିନୀପୁର କଲେଜ ଗୃହ: ଟ. ୫,୦୦୦ଙ୍କା

୧୦) ବିହାର ଓଡ଼ିଶା ରିସାର୍ଚ୍ଚ ସୋସାଇଟି: ଟ. ୧୦,୦୦୦ଙ୍କା

ବହି ଛପାଇବା ନିମନ୍ତେ ମଧ ସେ ବହୁତ ଟଙ୍କା ଦେଇଥିଲେ ।

୧୯୨୪ ଓ ୧୯୨୬ ଖ୍ରୀ.ଅ.ରେ ମହାରାଜା ୨ୟ ଓ ୩ୟ ଥର ପାଇଁ ବିଲାତ ଯାଇଥିଲେ । ସଙ୍ଗରେ ଭାଇ ଛୋଟରାୟ ସାହେବଙ୍କୁ ମଧ୍ୟ ନେଇ ଯାଇଥିଲେ । ତାଙ୍କର ଭ୍ରାତୃସ୍ନେହ ଅତୁଳନୀୟ ।

୧୯୨୨ ଖ୍ରୀ.ଅ.ରେ ବିହାର ଓଡ଼ିଶାର ତତ୍‌କାଳୀନ ଗଭର୍ଣ୍ଣର ହୁଇଲର୍ ସାହେବ ଷ୍ଟେଟ ପରିଦର୍ଶନ କରିଥିଲେ । ତାଙ୍କର ସ୍ମୃତିରକ୍ଷା ପାଇଁ ମହାରାଜା ୩ଟି ହୁଇଲର ବୃତ୍ତି ମାସିକ ୨୦ଟଙ୍କା ହିସାବରେ ଉଚ୍ଚଶିକ୍ଷା ପାଇଁ ମଞ୍ଜୁର କରିଥିଲେ । ଏହା ଦ୍ୱାରା ଛାତ୍ରମାନେ ବର୍ତ୍ତମାନ କଲେଜରେ ପଢ଼ୁ ଅଛନ୍ତି ।

ମହାରାଜା ସ୍ୱୀୟ ସାନ ଭାଇ ଛୋଟରାୟ ପ୍ରତାପଚନ୍ଦ୍ର ଭଞ୍ଜଦେବଙ୍କୁ ୧୯୨୫ ମସିହା ନଭେମ୍ବର ୨୫ ତାରିଖରେ ରାଜପୁତନା ଅନ୍ତର୍ଗତ ସାହାପୁର ଷ୍ଟେଟର ମେବାର ରାଜବଂଶୀୟ ରାଜାଧିରାଜ ସାର୍ ନହର ସିଂହଜୀ, କେ.ସି.ଆଇ.ଇ.ଙ୍କର ନାତୁଣୀ ଏବଂ ମହାରାଜ ସର୍ଦ୍ଦାର ସିଂହଜୀଙ୍କର ଜେମାଙ୍କ ସହିତ ବିବାହ କରାଇଥିଲେ ।

୧୯୧୭ ଖ୍ରୀ.ଅ. ଇଉରୋପୀୟ ମହାସମର ପାଇଁ ଷ୍ଟେଟରୁ କୁଲି ସଂଗ୍ରହ କରାଯାଇଥିଲା । ସେଥିରେ କେତେକ ପ୍ରଜା ଭୁଲି ବୁଝି ଗୋଳମାଳ କରିଥିଲେ । ସେ ଗୋଳମାଳକୁ ଦମନ କରାଯାଇଥିଲା ଓ କେତେକ ଦୁଷ୍ଟଲୋକଙ୍କୁ ଜୀବନବ୍ୟାପୀ ଦଣ୍ଡ ଦିଆଯାଇଥିଲା । ଏହି ଗୋଳମାଳ ତୁଳନାରେ ୧୮୬୬ର ବ୍ରାହ୍ମଣଘାଟୀ ଗୋଳମାଳ କିଛି ନୁହେଁ ।

ମହାରାଜାଙ୍କର କାର୍ଯ୍ୟକଳାପରୁ ଦୟା, ପ୍ରଜାରଞ୍ଜନ ଓ ମହତ ଦାନର ପରିଚୟ ମିଳେ ।

୧୯୨୮ରେ ବୋମ୍ବାଇର ବାଟଲାର କମିଟି ବୈଠକରେ ମହାରାଜା ଯୋଗ ଦେଇଥିଲେ । ୧୯୨୮ ଏପ୍ରିଲ ୨୧ ତାରିଖ ଦିବା ୩ ଘଣ୍ଟା ୨୦ ମିନିଟ୍‌ରେ ତାଙ୍କର

Digitized by PPRACHIN, SOA

ସେଠାରେ ଅକାଳମୃତ୍ୟୁ ହେଲା । ସେଥିପାଇଁ ରାଜପରିବାର ଓ ପ୍ରଜାବର୍ଗ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ତାଙ୍କର ମୃତ ଶରୀରକୁ ବୋମ୍ବାଇରୁ ସ୍ପେସିଏଲ୍ ଟ୍ରେନ୍ ଯୋଗେ ଅଣାଯାଇ ବାରିପଦାରେ ସତ୍କାର କରାଗଲା । ମହାରାଣୀ ତଖତ କୁମାରୀ ଦେବୀ ସ୍ୱାମୀଙ୍କର ସ୍ମୃତିରକ୍ଷା ପାଇଁ ବାରିପଦାରେ ପୂର୍ଣ୍ଣ ଚନ୍ଦ୍ର ମନ୍ଦିର ନିର୍ମାଣ କରିଅଛନ୍ତି, ତାହା ବର୍ତ୍ତମାନ ଗୋଟିଏ ସୁରମ୍ୟ ଉଦ୍ୟାନରେ ପରିଣତ ହୋଇଅଛି । ଏହା ବ୍ୟତୀତ ରାଜ୍ୟର ଲୋକମାନଙ୍କର ଶିଳ୍ପ ଶିକ୍ଷା ସକାଶେ ୧ ଲକ୍ଷ ଟଙ୍କା ଦାନ କରି ପୂର୍ଣ୍ଣଚନ୍ଦ୍ର ଶିଳ୍ପସଦନ କରାଇଅଛନ୍ତି ।

ଏହାଙ୍କ ରାଜତ୍ୱକାଳରେ ପ୍ରଥମେ ମେକ୍‌ଫାରସନ୍ ସାହେବ ଓ ପରେ ମେକ୍‌ଲିଓଡ୍ ସ୍ମିଥ୍ ସାହେବ ଦେୱାନ ଥିଲେ ।

❑❑❑

Digitized by PPRACHIN, SOA

୨୧ଶ ପାଠ

ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ,କେ.ସି.ଆଇ.ଇ. ଓ ରାଜତନ୍ତ୍ରର ସମାପ୍ତି

(୧୯୦୧-୧୯୬୮)

ମହାରାଜା ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେବ ଆଜମିରର ମେୟୋ କଲେଜ ଏବଂ ଏଲ୍ଲାହାବାଦର ମୁୟିର ସେଣ୍ଟ୍ରାଲ୍ କଲେଜରେ ଅଧ୍ୟୟନ କରିଥିଲେ ଏବଂ ଭାଇଙ୍କ ସହିତ ଦୁଇଥର ବିଲାତ ଯାଇଥିଲେ ।

ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଅପୁତ୍ରକ ଥିବାରୁ ତଦୀୟ ଭ୍ରାତା ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ ଦେବ ୧୯୨୮ ଏପ୍ରିଲ ୨୩ ତାରିଖରେ ରାଜସିଂହାସନରେ ବସିଥିଲେ ।

ମହାରାଜାଙ୍କର ଦୁଇ ପୁତ୍ର ଓ ଏକ କନ୍ୟା । ଟୀକାୟତ ଶ୍ରୀ ପ୍ରଦୀପଚନ୍ଦ୍ର ଭଞ୍ଜ ଦେବ ୧୯୨୯ ଡିସେମ୍ବର ୧୦ ତାରିଖରେ ଏବଂ ଛୋଟରାୟ ଶ୍ରୀ ସ୍ୱରୂପ ଚନ୍ଦ୍ର ଭଞ୍ଜ ଦେବ ୧୯୩୧ ଫେବୃୟାରୀ ୧ ତାରିଖରେ କଲିକତା ରାଜପ୍ରାସାଦରେ ଏବଂ ରାଜଜେମା ୧୯୩୫ ସେପ୍ଟେମ୍ବର ମାସରେ ସିଲଙ୍ଗ ଠାରେ ଜନ୍ମ ଗ୍ରହଣ କରିଥିଲେ ।

ମହାରାଜାଙ୍କ ଶାସନରେ ମୟୂରଭଞ୍ଜର ପୂର୍ବପରି ଉତ୍ତରୋତ୍ତର ଉନ୍ନତି ହୋଇଅଛି । ସେ ରାଜ୍ୟରେ ବହୁ ହିତକର କାର୍ଯ୍ୟ କରି ଯାଇଅଛନ୍ତି । ତନ୍ମଧ୍ୟରୁ ତଳେ କେତୋଟି ଉଲ୍ଲେଖ କରାଗଲା ।

୧) ବିଚାର ବିଭାଗର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ହାଇକୋର୍ଟ ସ୍ଥାପିତ ହୋଇଥିଲା । ଏଥିରେ ତିନିଜଣ ଜଜ୍ ଓ ଜଣେ ପ୍ରଧାନ ବିଚାରପତି ଥିଲେ ।

୨) କୁଟୀର-ଶିଳ୍ପ,ଶିଳ୍ପ, କୃଷି ଏବଂ ସମବାୟ ବିଭାଗମାନ ନୂତନ ହୋଇ ସ୍ଥାପିତ ହୋଇଥିଲା ।

ଶିଳ୍ପ ବିଭାଗ ଦ୍ୱାରା ରାଜ୍ୟରେ ଟସର ଚାଷର ଉନ୍ନତି ଓ ଉତ୍କୃଷ୍ଟ ଟସର ଲୁଗା ବୁଣା ହୋଇ ଦେଶବିଦେଶକୁ ପଠାଯାଉଥିଲା । ଏହି ବିଭାଗ ଦ୍ୱାରା ଲାହା ଚାଷର ଉନ୍ନତି ଓ ବ୍ୟବସାୟ ମଧ୍ୟ ହେଉଥିଲା । କୁଟୀରଶିଳ୍ପ କାରଖାନାରେ ଦରି, ଗାଲିଚା ପ୍ରଭୃତି ପ୍ରସ୍ତୁତ ହେଉଥିଲା ।

୩) ପ୍ରାଥମିକ ଶିକ୍ଷାର ପ୍ରସାର ନିମନ୍ତେ ରାଜ୍ୟରେ ବହୁତ ପ୍ରାଥମିକ ବିଦ୍ୟାଳୟ ଏବଂ ୧୯୩୫ର ସମ୍ରାଟ୍‌ଙ୍କ ରଜତ ଜୟନ୍ତୀର ସ୍ମୃତି ରକ୍ଷା ପାଇଁ ନୟାବସାଣ ଜମିଦାରୀରେ ଗୋଟିଏ ହାଇସ୍କୁଲ ହୋଇଥିଲା ।

Digitized by PPRACHIN, SOA

୪) ସ୍ୱାସ୍ଥ୍ୟରକ୍ଷା ଓ ରୋଗ ଚିକିତ୍ସା କରିବା ନିମନ୍ତେ ଅନେକ ସୁବନ୍ଦୋବସ୍ତ ହୋଇଥିଲା ଓ ଠାକୁରମୁଣ୍ଡା, ବୈଶିଙ୍ଗା ଓ ବଡ଼ସାହିରେ ନୂତନ ଡାକ୍ତରଖାନା ଖୋଲାଯାଇଥିଲା ଏବଂ କୁଷ୍ଠରୋଗ ନିବାରଣ କରିବା ପାଇଁ ଜଣେ କୁଷ୍ଠରୋଗ ବିଶାରଦ ଡାକ୍ତର ନିଯୁକ୍ତ ହୋଇଥିଲେ ।

୫) ବାରିପଦାରେ ପାଣିକଳ ଓ ବିଜୁଳି ଆଲୁଅର ସୁବିଧା କରିଥିଲେ ।

୬) ବାରିପଦା ହାଇସ୍କୁଲରେ ନୂତନ ଛାତ୍ରାବାସ ନିର୍ମିତ ହୋଇଥିଲା ।

୭) ଯିବା ଆସିବାର ସୁବିଧା ପାଇଁ ରାଜ୍ୟ ତମାମ ବହୁତ ରାସ୍ତାଘାଟ ଓ ପୋଲ ନିର୍ମିତ ହୋଇଥିଲା ।

୮) ମହାରାଜା ରିଲିଫ କାମ ପାଇଁ ୧ ଲକ୍ଷ ଟଙ୍କା ଦେଇ ଗରିବ ପ୍ରଜାମାନଙ୍କୁ ବଞ୍ଚାଇଥିଲେ ।

୯) ବାରିପଦାରୁ ରାଇରଙ୍ଗପୁର,କରଞ୍ଜିଆ,ଉଦଳା,ରୂପସା ଓ ଟେଲିଫୋନ୍ ରାସ୍ତା ପାଖରେ ଥିବା ଥାନାମାନଙ୍କୁ ଟେଲିଫୋନ ଯୋଗାଇଥିଲେ । ଏହା ଦ୍ୱାରା ରାଜ୍ୟବାସୀଙ୍କର ଅଶେଷ ଉପକାର ହେଉଥିଲା । ଟେଲିଫୋନ୍ ଦ୍ୱାରା ଯେ କୌଣସି ଲୋକ ଦୂରରେ ଥାଇ ଅନ୍ୟ ସହିତ କଥାବାର୍ତ୍ତା ହୋଇ ପାରୁଥିଲେ ।

୧୦) ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମୟରେ ଓଡ଼ିଆ ମାସିକ ଓ ସାପ୍ତାହିକ ପତ୍ରିକା ଯେଉଁଭଳି ପ୍ରସିଦ୍ଧ ଲାଭ କରିଥିଲା, ଏହାଙ୍କ ରାଜତ୍ୱରେ ତ୍ରୈମାସିକ ଭାବରେ "ମୟୂରଭଞ୍ଜ ଗେଜେଟ୍" ପ୍ରକାଶିତ ହେଲା । ସେଥିରେ ଷ୍ଟେଟ୍ ସମ୍ବାଦ, ଉତ୍କୃଷ୍ଟ ପ୍ରବନ୍ଧାଦି ଛପା ଯାଉଥିଲା । ବର୍ତ୍ତମାନ ଏହା ପରିବର୍ତ୍ତନରେ ଓଡ଼ିଆରେ "ଭଞ୍ଜ ପ୍ରଦୀପ" ଇଂରାଜୀରେ "ମୟୂରଭଞ୍ଜ କ୍ରନିକଲ୍" ଓ "ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍" ପ୍ରକାଶିତ ହେଉଥିଲା । ଉପର୍ଯ୍ୟୁକ୍ତ ଦୁଇଟି ପତ୍ରିକା ସାହାଯ୍ୟରେ ଶିକ୍ଷାର ପ୍ରଚାର ଏବଂ ଷ୍ଟେଟ୍ ଗେଜେଟ ଦ୍ୱାରା ରାଜ୍ୟର ବିଭିନ୍ନ ବିଭାଗର ରାଜନୈତିକ ଖବର ପ୍ରକାଶିତ ହେଉଥିଲା ।

୧୯୩୬ ମସିହା ଏପ୍ରିଲ ପହିଲା ମହାରାଜା ଓ ଦେବାନଙ୍କର ଅଫିସ ଦୁଇଟି ଏକତ୍ର ହୋଇ ମୟୂରଭଞ୍ଜ ଷ୍ଟେଟ ସେକ୍ରେଟେରିୟେଟ ନାମରେ ପରିଚିତ ହେଲା । ଏହା ଦୁଇ ଭାଗରେ ବିଭକ୍ତ, ଯଥା:- ସାଧାରଣ ଶାସନ ବିଭାଗ (General Department) ଓ ଅର୍ଥନୈତିକ ବିଭାଗ (Finance Department) । ସେକ୍ରେଟରୀ ଏହି ଦୁଇ ବିଭାଗ ପରିଚାଳନା କରୁଥିଲେ ।

ଏହିସବୁ ରାଜ୍ୟହିତକର କାର୍ଯ୍ୟ ବ୍ୟତୀତ ମହାରାଜା ଅଜସ୍ର ଟଙ୍କା ଦାନ କରି ବାହାରେ ରାଜ୍ୟର ଗୌରବ ବଢ଼ାଇଥିଲେ ।

Digitized by PPRACHIN, SOA

୧) ପୁରୀ ମନ୍ଦିରର ବିଜୁଳି ଆଲୁଅ ପାଇଁ:	ଟ. ୧୦,୦୦୦ଙ୍କା
୨) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ନିମନ୍ତେ:	ଟ. ୧୩,୦୦୦ଙ୍କା
୩) ମହାମହିମାର୍ଣ୍ଣବ ସମ୍ରାଟଙ୍କର ରୌପ୍ୟଜୟନ୍ତୀ ଉପଲକ୍ଷେ:	ଟ.୧,୦୦,୦୦୦ଙ୍କା
୪) ବାଣପୁର ହାଇସ୍କୁଲ:	ଟ. ୨,୦୦୦ଙ୍କା
୫) କ୍ୱେଟା ଭୂମିକମ୍ପ ପାଣ୍ଠିକୁ:	ଟ. ୨,୦୦୦ଙ୍କା
୬) ବିହାର ଭୂମିକମ୍ପ:	ଟ.୧୨,୦୦୦ଙ୍କା
୭) କଟକ ସାହିତ୍ୟ ସମାଜର ଆସବାବପତ୍ର ପାଇଁ:	ଟ.୩,୦୦୦ଙ୍କା
୮) କଲିକତା ଓଡ଼ିଆ କ୍ଲବ୍:	ଟ୫୦୦ଙ୍କା

ସେତେବେଳେ ମୟୂରଭଞ୍ଜ ୧ମ ଶ୍ରେଣୀ ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲା ଓ ମହାରାଜା ସ୍ୱକ୍ଷମତାବଳରେ ଭାରତର ନରେନ୍ଦ୍ର ମଣ୍ଡଳୀରେ ମେମ୍ବର ହୋଇଥିଲେ ।

ଏହାଙ୍କ ଶାସନକାଳରେ ଡକ୍ଟର ପି.କେ. ସେନ.ଏମ୍.ଏ. (କାଲ), ଏଲ୍.ଏଲ୍.ଡି. (କେଣ୍ଟାବ) ବାରିଷ୍ଟର ଏଟ୍.ଲ. ୧୯୩୫ ଜୁନ୍ ମାସ ପର୍ଯ୍ୟନ୍ତ ୫ ବର୍ଷ ଦେବାନ ଥିଲେ । ତାଙ୍କ ପରେ ମିଷ୍ଟର କେ.ସି. ନିୟୋଗୀ, ଏମ୍.ଏ.ବି.ଏଲ୍. ଦେବାନ ଥିଲେ ।

ଶ୍ରୀମାନ୍ ମହାରାଜା ଓ ମହାରାଣୀ ସାହେବା ୧୯୩୫ ମସିହା ମେ ମାସ ୧୬ ତାରିଖରେ ବିଲାତ ଯାଇଥିଲେ । ଟୀକାୟତ ସାହେବ, ଛୋଟରାୟ ସାହେବ ଓ ରାଜଜେମା ମଧ୍ୟ ଏମାନଙ୍କ ସହିତ ଯାଇଥିଲେ । ମହାରାଜା ଇଂଲଣ୍ଡ (ବିଲାତ)ରେ କିଛି ଦିନ ରହିବା ପରେ ୟୁରୋପର ନାନା ସ୍ଥାନ ବୁଲି ସେପ୍ଟେମ୍ବର ମାସରେ ରାଜ୍ୟରେ ପହଞ୍ଚିଲେ । ଟୀକାୟତ ଓ ଛୋଟରାୟ ସାହେବ ପଢ଼ିବା ପାଇଁ ଇଂଲଣ୍ଡରେ ରହିଲେ । ମହାରାଜା ଆଗରୁ ଦୁଇଥର ବିଲାତ ଯାଇଥିଲେ ସୁଦ୍ଧା ରାଜଗାଦି ଆରୋହଣ ପରେ ଏହା ତାଙ୍କର ପ୍ରଥମ ଯାତ୍ରା ।

★୧୯୨୯ ମସିହାରେ ଖିଚିଂରେ ପ୍ରତ୍ନତତ୍ତ୍ୱ ମ୍ୟୁଜିୟମ ପ୍ରତିଷ୍ଠା କରିଥିଲେ । ପ୍ରତ୍ନତତ୍ତ୍ୱବିଦ୍ ପରମାନନ୍ଦ ଆଚାର୍ଯ୍ୟଙ୍କୁ ମୟୂରଭଞ୍ଜ ଇତିହାସ ସଂକଳନ ନିମନ୍ତେ ବିଭିନ୍ନ ରେକର୍ଡ ସଂଗ୍ରହ ପାଇଁ ଇଂଲଣ୍ଡ ପଠାଇଥିଲେ ।

୧୯୩୧ ମସିହାରେ ମୟୂରଭଞ୍ଜର ଜନଗଣନା ରିପୋର୍ଟ ଦୁଇଟି ଖଣ୍ଡରେ ମ: ଲାଇକୁଦ୍ଦିନଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା ।

Digitized by PPRACHIN, SOA

୧୯୪୨ ମସିହାରେ ଖିଚିଂରେ ଥିବା ପ୍ରସିଦ୍ଧ ଚାମୁଣ୍ଡା (ଖିଚିଙ୍ଗେଶ୍ୱରୀ) କିଚକେଶ୍ୱରୀ ମନ୍ଦିରର ପୁନଃ ନିର୍ମାଣ କରାଇଥିଲେ । ଏହି ପୁନଃ ନିର୍ମାଣରେ ବିଶିଷ୍ଟ ସ୍ଥପିତ ଶୈଳେନ୍ଦ୍ର ପ୍ରସାଦବୋଷ (ବୀରବଲବାବୁ) ବିଶେଷ ଭାବେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

୧୯୪୫ ମସିହାରେ ୨୭ ଜଣିଆ କେନ୍ଦ୍ର ପରିଷଦ ପ୍ରତିଷ୍ଠାର ଘୋଷଣା କରାଯାଇଥିଲା । ଏଥିରେ ୧୫ ଜଣ ମନୋନୀତ ଓ ୧୨ ଜଣ ବିଭିନ୍ନ ପ୍ରଜାସଭା (ସବ୍‌ଡିଭିଜନାଲ)ମାନଙ୍କରୁ ନିର୍ବାଚିତ ସଭ୍ୟ ମେମ୍ବର ହେଉଥିଲେ । ଏହା ପ୍ରମାଣ କରେ ଯେ ମୟୂରଭଞ୍ଜରେ ଭାରତର ସ୍ୱାଧୀନତା ପୂର୍ବରୁ ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା ।

୧୯୪୭ ମସିହା ଜୁନ୍ ମାସରେ ମହାରାଜା ପ୍ରତାପଚନ୍ଦ୍ରଙ୍କ ସହିତ ଭାରତ ସରକାରଙ୍କ ଏକ ଚୁକ୍ତିନାମା ବଳରେ ମୟୂରଭଞ୍ଜ ଏକ ସ୍ୱାଧୀନ ରାଜ୍ୟ ହିସାବରେ ପରିଗଣିତ ହୋଇଥିଲା । ରାଜ୍ୟରେ ଏକ ନିଷ୍ଠାପର ଓ ଦାୟିତ୍ୱବାନ୍ ଶାସନ ପ୍ରଦାନ ପାଇଁ ସମ୍ବିଧାନ ପ୍ରଣୟନ ନିମନ୍ତେ ପଦକ୍ଷେପ ନେଇଥିଲେ ।

୧୯୪୮ ମସିହାରେ ବାରିପଦାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା, ତାହା ବର୍ତ୍ତମାନ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ନାମରେ ନାମିତ ହୋଇଛି ।

ରାଜ୍ୟ ବାହାରେ ଶିକ୍ଷାର ଉନ୍ନତି ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଏକ ଟ୍ରଷ୍ଟ ଫଣ୍ଡ ହିସାବରେ ୬ ଲକ୍ଷ ଟଙ୍କା ଦାନ କରି ସଂସ୍କୃତ ଅଧ୍ୟୟନ ପାଇଁ 'ଶ୍ରୀରାମଚନ୍ଦ୍ର ଚେୟାର' ଗଠିତ କରାଇଥିଲେ । ଏତଦ୍ ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଫିଜିକ୍ସ ଚେୟାର' ପ୍ରତିଷ୍ଠା ପାଇଁ ୮ ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରିଥିଲେ । ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଷ୍ଟେଟ୍ ଛାପାଖାନାକୁ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ, ଯାହା କି ବର୍ତ୍ତମାନ 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପ୍ରେସ୍' ନାମରେ କାର୍ଯ୍ୟ କରୁଅଛି ।

ବ୍ୟବସାୟିକ ଅଭିବୃଦ୍ଧି ତଥା ଜନସାଧାରଣଙ୍କୁ ବ୍ୟାଙ୍କର ସୁବିଧା ଯୋଗାଇବା ନିମନ୍ତେ ମୟୂରଭଞ୍ଜ ରାଜ୍ୟରେ (ବାରିପଦା ଠାରେ) ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ୍ ୧୯୩୮ ମସିହା ମେ ମାସ ୨ ତାରିଖରେ ପ୍ରତିଷ୍ଠା କରିଥିଲେ । ଯାହାର ବିଭିନ୍ନ ଶାଖାମାନ ପର୍ଯ୍ୟାୟ କ୍ରମେ ରାଇରଙ୍ଗପୁର, କରଞ୍ଜିଆ ପ୍ରଭୃତି ସ୍ଥାନରେ କାର୍ଯ୍ୟକାରୀ ହୋଇଥିଲା ଓ ପରବର୍ତ୍ତୀ କାଳରେ (୧୯୬୧ରେ) ତାହା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହିତ ସାମିଲ ହୋଇଥିଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ମହାରାଜାଙ୍କୁ ୧୯୩୫ ମସିହାରେ କେ:ସି:ଆଇ:ଇ: ଉପାଧିରେ ସମ୍ମାନିତ କରିଥିଲେ । ଏଥିସହିତ ୧୯୪୭ରେ ତାଙ୍କୁ 'ହିଜ୍ ହାଇନେସ୍' ଉପାଧି ମଧ୍ୟ ଭାରତ ସରକାରଙ୍କ ତରଫରୁ ମିଳିଥିଲା ।

Digitized by PPRACHIN, SOA

ଭାରତ ତଥା ଓଡ଼ିଶାର ସ୍ୱାଧୀନତାର ପ୍ରାକ୍ କାଳରେ ବିଭିନ୍ନ ପ୍ରଜା ଆନ୍ଦୋଳନ ଓ ପ୍ରଜା ମଣ୍ଡଳ ଇତ୍ୟାଦି ଗଠନ ଦ୍ୱାରା ରାଜତନ୍ତ୍ର ଶାସନ ପରିବର୍ତ୍ତନର ଆହ୍ୱାନକୁ ମୟୂରଭଞ୍ଜ ବର୍ଜି ପାରି ନ ଥିଲା ଏବଂ ରାଜ୍ୟରେ ମଧ ତାର ପ୍ରଭାବ ପଡ଼ିଥିଲା । ତଥାପି ମୟୂରଭଞ୍ଜ ରାଜ୍ୟର ମହାରାଜା ପ୍ରତାପଚନ୍ଦ୍ର ଏକ ଲୋକପ୍ରିୟ ଶାସନ ଦେବାକୁ ପ୍ରୟାସ କରିଥିଲେ, ଫଳସ୍ୱରୂପ ରାଜ୍ୟରେ ଏକ ମନ୍ତ୍ରିମଣ୍ଡଳ ଗଠନ କରି ତା ଦ୍ୱାରା ଶାସନ କରିବାକୁ ଚେଷ୍ଟା କରିଥିଲେ । ୧୯୪୭ ମସିହା ଡିସେମ୍ବର ୯ ତାରିଖରେ ମାନ୍ୟବର ଶରତ ଚନ୍ଦ୍ର ଦାସଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କରାଗଲା ଓ ଏ ମନ୍ତ୍ରିମଣ୍ଡଳରେ ଶ୍ରୀଯୁକ୍ତ ବିଦ୍ୟାଧର ମହାପାତ୍ର ରାଜସ୍ୱ ଓ ବିଚାର ବିଭାଗୀୟ ମନ୍ତ୍ରୀ ଏବଂ ଶ୍ରୀଯୁକ୍ତ ମହେଶ୍ୱର ନାୟକ ଶିକ୍ଷା ଉନ୍ନୟନ ମନ୍ତ୍ରୀ ହୋଇଥିଲେ । ଏହି ମନ୍ତ୍ରୀମଣ୍ଡଳ ମହାରାଜାଙ୍କ ଠାରୁ ଶାସନ କ୍ଷମତା ଗ୍ରହଣ କରି ଏକ ନୂତନ ଦୃଷ୍ଟାନ୍ତ ପ୍ରତିଷ୍ଠା କରିଥିଲା । ଏହି ଅଭିନବ ପଦକ୍ଷେପ ଦ୍ୱାରା ତାଙ୍କୁ ଭାରତର ପ୍ରଥମ ଗଣତନ୍ତ୍ର ଶାସନ ପ୍ରତିଷ୍ଠାତା, ପ୍ରଜାବତ୍ସଳ ମହାରାଜା ହିସାବରେ ଗ୍ରହଣ କରାଯାଇପାରେ ।

ଦେଶରେ ତଥା ଓଡ଼ିଶାରେ ବିଭିନ୍ନ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ମିଶ୍ରଣ ପ୍ରକ୍ରିୟାରେ ଭାଗ ନେଇଥିବା ବେଳେ ମୟୂରଭଞ୍ଜରେ ତାହା କିଛି ଦିନ ବିଳମ୍ବ ଘଟିଥିଲା, ମାତ୍ର ବେଶିଦିନ ମୟୂରଭଞ୍ଜ ରାଜ୍ୟ ଏକୁଟିଆ ରହି ନ ପାରି ୧୯୪୯ ମସିହା ଜାନୁଆରୀ ଏକ ତାରିଖରେ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ହୋଇଥିଲା ଓ ରାଜତନ୍ତ୍ରର ସମାପ୍ତି ଘଟିଥିଲା । ଶ୍ରୀଯୁକ୍ତ ରିଗେ ଭାରତ ସରକାରଙ୍କ ପ୍ରତିନିଧି ରୂପେ ଆସି ମୟୂରଭଞ୍ଜର ଶାସନ ଭାର ଗ୍ରହଣ କଲେ । ତା ପରେ ଯଥାବିଧି ଓଡ଼ିଶାର ଏକ ଜିଲ୍ଲା ହିସାବରେ ଏହା ପରିଣତ ହୋଇଅଛି ।

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେବ ୧୯୬୮ ମସିହା ଜୁଲାଇ ମାସ ୧୫ ତାରିଖରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ଅନ୍ତେ ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରଦୀପଚନ୍ଦ୍ର ଭଞ୍ଜ ଦେବ ଆନୁଷ୍ଠାନିକ ଭାବେ ମୟୂରଭଞ୍ଜ ମହାରାଜା ହିସାବରେ ଗାଦିନସୀନ ହୋଇଥିଲେ । ସେ ତାଙ୍କ ଜେଜେବାପାଙ୍କ (ଶ୍ରୀରାମଚନ୍ଦ୍ର ଭଞ୍ଜଦେବ) ସ୍ମୃତି ଉଦ୍ଦେଶ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପ୍ରାଙ୍ଗଣରେ ଏକ ପୂର୍ଣ୍ଣାବୟବ ମାର୍ବଲ ମୂର୍ତ୍ତି ସ୍ଥାପନ ପାଇଁ ଅର୍ଥଦାନ କରିଥିଲେ ଓ ତାହା ବର୍ତ୍ତମାନ କଲେଜ ହତା ମଧ୍ୟରେ ପ୍ରତିଷ୍ଠା କରାଯାଇଅଛି । ପ୍ରଦୀପଚନ୍ଦ୍ର ଭଞ୍ଜଦେବଙ୍କ ୨୦୦୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖରେ ମୃତ୍ୟୁ ହୋଇଥିଲା ବେଲଗଡ଼ିଆ ରାଜପ୍ରାସାଦରେ । ତାଙ୍କ ଅନ୍ତେ ତାଙ୍କର

Digitized by PPRACHIN, SOA

ଏକମାତ୍ର ପୁତ୍ର ପ୍ରବୀଣ ଚନ୍ଦ୍ର ଭଞ୍ଜ ଦେବ ପରମ୍ପରା ଅନୁସାରେ ମୟୂରଭଞ୍ଜ ରାଜଗାଦିରେ ଅଭିଷିକ୍ତ ହୋଇଅଛନ୍ତି । ପ୍ରଦୀପ ଚନ୍ଦ୍ରଙ୍କ ସାନଭାଇ ଛୋଟରାୟ ସ୍ୱରୂପଚନ୍ଦ୍ର ଭଞ୍ଜଦେବ ଜ୍ୟେଷ୍ଠଭ୍ରାତାଙ୍କ ପୂର୍ବରୁ ଅର୍ଥାତ୍ ୧୯୯୪ ମସିହା ନଭେମ୍ବର ମାସ ୧୯ ତାରିଖରେ ମୃତ୍ୟୁ ଲଭିଥିଲେ ।

ମୟୂରଭଞ୍ଜ ରାଜଶାସନ ପ୍ରଜାତନ୍ତ୍ର,ଶିକ୍ଷା,ସ୍ୱାସ୍ଥ୍ୟ, ଶିଳ୍ପ, ରାସ୍ତାଘାଟ, ଗମନାଗମନ ଇତ୍ୟାଦି ସର୍ବବିଧ କ୍ଷେତ୍ରରେ ଉନ୍ନତି କରିବାରେ ଚେଷ୍ଟିତ ଥିଲେ ଓ ଫଳବତୀ ହୋଇ ସୁନାମ ମଧ୍ୟ ଅର୍ଜନ କରିଥିଲେ ।

★ (ପୁସ୍ତକଟି ଲେଖା ହେଲା ପର୍ଯ୍ୟନ୍ତ ମୟୂରଭଞ୍ଜର ଇତିହାସ ଧାରାବାହିକ ଭାବେ ବର୍ଣ୍ଣିତ ହୋଇଥିଲା । ଲେଖକଙ୍କ ତିରୋଧାନ ପରେ ପୁନଃ ପ୍ରକାଶନର ଆବଶ୍ୟକତା ଅନୁଭୂତ ହେବାରୁ ପରବର୍ତ୍ତୀ କାଳରେ ରାଜପରିବାରର ଘଟଣା ତାରକା ଚିହ୍ନିତ ପର୍ଯ୍ୟାୟରେ ସୂଚିତ ହୋଇଛି ମାତ୍ର ।)

❑❑❑

Digitized by PPRACHIN, SOA

ମୟୂରଭଞ୍ଜ ଇତିହାସ

Digitized by PPRACHIN, SOA